ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.10 Bhubaneswar Saturday, February 12, 2022 | ୨୫ତମ ବର୍ଷ ସଂଖ୍ୟା-୧୦ ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## ଆତ୍ମହତ୍ୟା ପୂର୍ବରୁ କାହିଁକି ୧୦୦କୁ ଡାଏଲ୍ କରିଥିଲେ ପ୍ରଫେସର ବାସନ୍ତୀ ଜେନା ?

ଭୁବନେଶ୍ୱର,୧୧।୨(ପି.ଏନ): ପାରିପାରିକ ଅଶାନ୍ତି ନା ପରକୀୟ ପ୍ରୀତି କେଉଁ କାରଣ ପାଇଁ ଆତ୍ମହତ୍ୟାର ରାସ୍ତା ବାଛିଲେ ଓୟୁଏଟିର ଆସିଷ୍ଟାଣ୍ଟ ପ୍ରଫେସର ବାସନ୍ତୀ ଜେନା? କମିଶନରେଟ୍ ପୁଲିସ ରହସ୍ୟଭେଦ ପାଇଁ ଉଦ୍ୟମ ଆରମ୍ଭ କରିଥିବା ବେଳେ ଆତ୍ମହତ୍ୟା ପୂର୍ବରୁ ବାସନ୍ତୀ ୧୦୦କୁ ଡାଏଲ୍ କରିଥିଲେ। ଏ ସମ୍ପର୍କରେ ସୂଚନା ଦେଇଛନ୍ତି ବାସନ୍ତୀଙ୍କ ସ୍ୱାମୀ ଦେବୀପ୍ରସନ୍ନ। ତେବେ ସେ କାହିଁକି ଫୋନ୍ କରିଥିଲେ ହେଲ୍‌ପ ଲାଇନ୍ ସହ କଥା ହୋଇଛନ୍ତି ନା ନାହିଁ, ତାହା ରହସ୍ୟ ଘେରରେ ରହିଛି। ପୁଲିସ୍ ସବୁ ଦିଗକୁ ନେଇ ତଦନ୍ତ କରୁଛି ବୋଲି ଡିସିପି ଉମାଶଙ୍କର ଦାସ କହିଛନ୍ତି। ଭୁବନେଶ୍ୱର ସ୍ଥିତ ଓୟୁଏଟିର ପ୍ରାଣୀ ପ୍ରସୂତି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ହେଉଛନ୍ତି ବାସନ୍ତୀ ଜେନା। ତାଙ୍କ ସ୍ୱାମୀ ହେଉଛନ୍ତି ପ୍ରଫେସର ଦେବୀ ପ୍ରସନ୍ନ ଦାସ। ସେ ଓୟୁଏଟିର ଭେଟେନାରୀ ପାଥୋଲୋଜି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର। ତାଙ୍କର ୬ ବର୍ଷର ପୁଅ ମଧ୍ୟ ଅଛି।ଗୁରୁବାର ସନ୍ଧ୍ୟାରେ ଦେବୀ ପ୍ରସନ୍ନ ୬ ବର୍ଷର ମାନସିକ ଅନଗ୍ରସର ପୁଅକୁ ଧରି ବାହାରକୁ ଯାଇଥିଲେ। ପ୍ରାୟ ୪୦ ମିନିଟ୍ ପରେ ଘରକୁ ଫେରିଥିଲେ





ଦେବୀ। ହେଲେ ଗେଟ୍‌ରେ ଭିତର ପଟୁ ତାଲା ପଡିଥିବାରୁ ଯାଇ ପାରିନଥିଲେ। ପରେ ଗେଟ୍ ଡେଇଁ ଘରେ ପଶିଥିଲେ। ସେତେବେଳେ ପତ୍ନୀ ବାସନ୍ତୀଙ୍କୁ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ପଡ଼ୋଶୀ ଓ ପୁଲିସକୁ ଖବର ଦେଇଥିଲେ ବୋଲି ଦେବୀ ପ୍ରସନ୍ନ ଦାସ କହିଛନ୍ତି।ତେବେ ସ୍ୱାମୀ ଦେବୀ ପ୍ରସନ୍ନଙ୍କ କଥାକୁ ବିଶ୍ୱାସ କରି ପାରୁନାହାନ୍ତି ବାସନ୍ତୀଙ୍କ ବାପଘର ଲୋକ। ଉଚ୍ଚଶିକ୍ଷିତା ଓ ଉଚ୍ଚ ପଦବୀରେ ଥାଇ କେଉଁ ପରିସ୍ଥିତିରେ ଝିଅ ଏଭଳି ନିଷ୍ପତ୍ତି ନେଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବାସନ୍ତୀଙ୍କ ବାପା ଗଜେନ୍ଦ୍ର ଜେନା। ସେ ଅଭିଯୋଗ କରିଛନ୍ତି, ଜ୍ୱାଇଁ ଦେବୀପ୍ରସନ୍ନ ସବୁବେଳେ ମଦ୍ୟପାନ କରୁଥିଲେ। ଏହାକୁ ନେଇ ସ୍ୱାମୀ -ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ପୁଅ ମାନସିକ ଅନଗ୍ରସର ହୋଇଥିଲେ ମଧ୍ୟ ଦେବୀପ୍ରସନ୍ନ ତାର ଉଚିତ୍ ଦାୟିତ୍ୱ ନେଉନଥିବା ସେ ଅଭିଯୋଗ କରିଛନ୍ତି। ସେହିପରି କିଛି ଦିନ ହେବ ପତି-ପତ୍ନୀଙ୍କ ସମ୍ପର୍କରେ ତୃତୀୟ ମହିଳାଙ୍କ ଅନୁପ୍ରବେଶ ଘଟିଥିବା ସେ ସୂଚନା ଦେଇଥିଲେ। ତେବେ ଏ ସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଦେବୀପ୍ରସନ୍ନ।

## ଦନ୍ତବିହୀନ ନିର୍ବାଚନ କମିଶନ ଏବଂ ବିଜେଡିର ହାତବାରିସୀ ଗୃହ ବିଭାଗର ମିଳିତ ଉଦ୍ୟମରେ ଜନମତକୁ ପ୍ରଭାବିତ କରାଯାଉଛି: ବିଜେପି

ଭୁବନେଶ୍ୱର, ୧୧।୨(ପି.ଏନ): ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମସ୍ତ ଆଇନକାନୁନକୁ ଉଲ୍ଲଂଘନ କରିବା ସହିତ ସରକାରୀ କଳ, ବଳ ଏବଂ ଅର୍ଥର ଅପବ୍ୟବହାର ଦ୍ୱାରା ଶାସକ ବିଜେଡି ଭୋଟ ହାତେଇବାର ପ୍ରୟାସ ଆରମ୍ଭ କରିଦେଇଛି । ବିରୋଧୀଙ୍କୁ ପୋଲିସ ଓ ପ୍ରଶାସନର ଭୟ, ସରକାରୀ କର୍ମଚାରୀଙ୍କୁ ଦଳୀୟ କାର୍ଯ୍ୟରେ ବ୍ୟବହାର କରିବା, ବିରୋଧୀଙ୍କୁ ଧମକ ଦେବା ଓ ହତ୍ୟା କରିବା, ଷଡଯନ୍ତ୍ର ରଚି ବିରୋଧୀଙ୍କୁ ବଦନାମ କରିବା, ଅପର୍ଯ୍ୟାପ୍ତ ପରିମାଣର ଟଙ୍କା ବଂଟନ କରି ଭୋଟଙ୍କୁ ପ୍ରଭାବିତ କରିବା ଭଳି ଅନେକ ହୀନ ଘଟଣାର ତଥ୍ୟ ଓ ପ୍ରମାଣ ସହିତ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ବିଜେପି ବାରମ୍ବାର ଅଭିଯୋଗ କରାଯାଉଛି । ମାତ୍ର କୌଣସି ଗୋଟିଏରେ ମଧ୍ୟ ସନ୍ତୋଷଜନକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅଭିଯୁକ୍ତମାନେ ନିର୍ଭୟରେ ବାହାରେ ବୁଲି ଭୋଟରଙ୍କୁ ପ୍ରଭାବିତ କରୁଛନ୍ତି। ଅନ୍ୟ ପଟେ ଦନ୍ତବିହୀନ ରାଜ୍ୟ ନିର୍ବାଚନ କମିଶନ ଏବଂ ବିଜେଡିର ହାତବାରିସୀ ସାଜିଥିବା ଗୃହ ବିଭାଗର ମିଳିତ ଉଦ୍ୟମରେ ଜନମତକୁ ପ୍ରଭାବିତ କରାଯାଉଛି । ଏହା ଦ୍ୱାରା ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଅବାଧ, ମୁକ୍ତ ଏବଂ ନିରପେକ୍ଷ ହେବା ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର କହିଛନ୍ତି ।ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ମାଲକିନାଗିରି ଜିଲ୍ଲାରେ ବିଜେପି ପ୍ରାର୍ଥୀ ଶ୍ରୀମତୀ ରିନା କବାସିଙ୍କୁ ଜଣେ ହୋମଗାର୍ଡଙ୍କ ଜରିଆରେ ୧୦ ଲକ୍ଷ ଟଙ୍କାର ଚେକ୍ ଏବଂ ନଗଦ ୫୦ ହଜାର ଟଙ୍କା ଦିଆଯାଇ ତାଙ୍କ ପ୍ରାର୍ଥୀପତ୍ର ଜୋରଜବରଦସ୍ତ ପ୍ରତ୍ୟାହାର କରାଗଲା । ଶ୍ରୀମତୀ କବାସିଙ୍କ ବାପା ଓ ଭାଇଙ୍କ ଦ୍ୱାରା ଯଥେଷ୍ଟ ପ୍ରମାଣ ଦେବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ସେହି ସ୍ଥାନରୁ କେବେହେଲେ ହାରିନଥିବା ବିଜେପିକୁ ଷଡଯନ୍ତ୍ର କରି ନିର୍ବାଚନ ମୈଦାନରୁ ଓହରାଇ ଦିଆଗଲା। ସେହିପରି ଭଦ୍ରକ ଜିଲ୍ଲାର ୨୮ନଂ ଜୋନ ବ୍ରହ୍ମପୁରର ଗାଁର ଶୁବାଷିସ ଗିରିଙ୍କୁ ସର୍ବସାଧାରଣଙ୍କ ସମ୍ମୁଖରେ ଦିନ ୧୦ଟା ସମୟରେ ବିଜେଡି ସମର୍ଥକମାନେ ବାଡେଇ ବାଡେଇ ହତ୍ୟା କରି ପରେ ପୋଖରିରେ ଫିଙ୍ଗି ଦେଇଥିଲେ। ଏହି ପ୍ରସଙ୍ଗରେ ରାଜ୍ୟ ପୋଲିସ ଡିଜି ଓ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହେବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ହାତ ଉପରେ ହାତ ଥୋଇକି ବସିପଡିଲେ। ଏହି ହତ୍ୟାକାଣ୍ଡରେ ଲିପ୍ତ ଥିବା ବିଜୁ ଜନତା ଦଳର କର୍ମକର୍ତାମାନେ ବର୍ତମାନ ନିର୍ଭୟରେ ବାହାରେ ବୁଲୁଛନ୍ତି । ଗଞ୍ଜାମ ଜିଲ୍ଲା ଚିକିଟି ନିର୍ବାଚନମଣ୍ଡଳୀର ପାଟପୁରୁ ବକ୍ଲର କାର୍ଯ୍ୟାଳରେ ପ୍ରାର୍ଥୀ ପତ୍ର ଦାଖଲ ବେଳେ ବିଜେପି ପ୍ରାର୍ଥଙ୍କୁ ପୋଲିସ ଉପସ୍ଥିତିରେ ଗୋଡାଇ ଗୋଡାଇ ହାଣିବାର ପ୍ରମାଣ ଥିବା ସତ୍ୱେ ବର୍ତମାନ ସୁଦ୍ଧା କାହାକୁ ଗିରଫ କରାଯାଇନାହିଁ। ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ଗତ ୭ ବର୍ଷ ଧରି କାର୍ଯ୍ୟରତ ଜିଲ୍ଲାପାଳଙ୍କୁ ଜାଣିଶୁଣି ବଦଳି କରାଯାଉନାହିଁ । ଜିଲ୍ଲାପାଳଙ୍କ ସ୍ୱାମୀ ସ୍ଥାନୀୟ ସାଂସଦଙ୍କ ଭୁବନେଶ୍ୱରରେ ଥିବା ଘରୋଇ ମେଡିକାଲ କଲେଜରେ ଅବସ୍ଥାପିତ, ଯାହାକି ସଂପୂର୍ଣ୍ଣ ଆଇନକୁ ଉଲ୍ଲଂଘନ କରୁଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଏହି ଅବସରରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ରାଜ୍ୟ ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା ଉପସ୍ଥିତ ଥିଲେ।

## ବକେୟା ଦରମା କରିଦେବା ପାଇଁ ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଲେ ବିଇଓ

ଭୁବନେଶ୍ୱର, ୧୧।୨(ପି.ଏନ): ଗଜପତି ଜିଲ୍ଲା ନୂଆଗଡ ବ୍ଲକ ଶିକ୍ଷାଧିକାରୀ ବ୍ରଜ କୁମାର ନାୟକ ଜଣେ ଶିକ୍ଷକଙ୍କ ଠାରୁ ୩୦ ହଜାର ଟଙ୍କା ଲାଂଚ ନେବାବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜଣେ ଶିକ୍ଷକଙ୍କ ବକେୟା ଦରମା ପାଇଁ ବ୍ଲକ ଶିକ୍ଷାଧିକାରୀ ଲାଂଚ ମାଗିଥିଲେ । ଏଥିପାଇଁ ଶିକ୍ଷକ ଜଣକ ବ୍ରହ୍ମପୁର ଭିଜିଲାନ୍ସକୁ ଖବର ଦେଇଥିଲେ । ଆଜି ୩୦ ହଜାର ଟଙ୍କା ନେଇ ଶିକ୍ଷକ ଜଣକ ବ୍ଲକ ଶିକ୍ଷାଧିକାରୀଙ୍କ ପାଖକୁ ଯାଇଥିଲେ । ପୂର୍ବ ଯୋଜନା ଅନୁସାରେ ଭିଜିଲାନ୍ସ ଟିମ କାର୍ଯ୍ୟାଳୟ ପାଖରେ ଛକି ବସିଥିଲେ । ଶିକ୍ଷକଙ୍କ ଠାରୁ ବ୍ଲକ ଶିକ୍ଷାଧିକାରୀ ୩୦ ହଜାର ଟଙ୍କା ଲାଂଚ ନେଲାବେଳେ କାବୁ କରିଥିଲେ ଭିଜିଲାନ୍ସ ଟିମ । ଏହା ପରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମେତ ପାରଳାଖେମୁଣ୍ଡି ସ୍ଥିତ ନିଜ ବାସ ଭବନରେ ମଧ୍ୟ ଏକ କାଳୀନ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା।

## ଗୋଟିଏ ଦିନରେ ୧୫୭୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୧।୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୫୭୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୭୪୫୭୫କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୦୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୫୧୪୩୧ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୪୨୫୩ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୫୭୨ ଜଣଙ୍କ ମଧ୍ୟରୁ ୯୧୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୫୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୩୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୯ , ବାଲେଶ୍ୱର ଜିଲ୍ଲାରୁ ୭୨ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୨୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୨୫ , କଟକରୁ ୧୬୧ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୪୭, ଗଂଜାମ ଜିଲ୍ଲାରେ ୨୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୪୮, ଯାଜପୁରରୁ ୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୨୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୬୨ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୩୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୪୩ , ଖୋର୍ଦ୍ଧାରୁ ୨୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୮୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୩୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୨୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ସୁନ୍ଦରଗଡ଼ର ଅତିରିକ୍ତ ଜିଲ୍ଲାପାଳଙ୍କ ଘର ସମେତ ୭ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର, ୧୧।୨(ପି.ଏନ): ସୁନ୍ଦରଗଡ଼ର ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ମହାପାତ୍ରଙ୍କ ଘର ସମେତ ୭ଟି ସ୍ଥାନରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଚଢ଼ାଉ କରିଛି । ଭିଜିଲାନ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଏକକାଳୀନ ଭାବେ ଓଡ଼ିଶା ଭିଜିଲାନ୍ସର ୮ ଜଣ ଡିଏସପି, ୨ଜଣ ଇନସ୍ପେକ୍ଟର, ୫ ଏଏସଆଇ ଓ ଅନ୍ୟ କର୍ମଚାରୀମାନଙ୍କୁ ନେଇ ଗଠିତ ଟିମ୍ ସୁନ୍ଦରଗଡ଼ ସରକାରୀ ଆବାସ ଓ ଅଫିସ ସହ ଖୋର୍ଦ୍ଧା, ଜିଲ୍ଲାର ବିଭିନ୍ନ ସ୍ଥାନ ଏବଂ ଜଗତସିଂହପୁର ଜିଲ୍ଲାର ୭ ଟି ସ୍ଥାନେ ଚଢାଉ ଜାରୀ ରଖିଛନ୍ତି।

## ନିର୍ବାଚନ ସମୟରେ ବେଆଇନ ନିଶା କାରବାର ରୋକିବାପାଇଁ ଅବକାରୀ କମିଶନରଙ୍କ ନିର୍ଦ୍ଦେଶ : ସୀମାନ୍ତ ଅଂଚଳକୁ ଜଗ : ୨୪ଘଂଟିଆ ଚଢଉ କର

ଭୁବନେଶ୍ୱର, ୧୧।୨(ପି.ଏନ): ତ୍ରିସ୍ତରୀୟ ପଂଚାତ ନିର୍ବାଚନ ସମୟରେ ବେଆଇନ ନିଶା କାରବାରକୁ ରୋକିବାପାଇଁ ସୀମାନ୍ତରେ ନଜର ରଖିବାକୁ ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂହ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏଥି ସହିତ ବେଆଇନ ମଦପ୍ରସ୍ତୁତକାରୀ, ବ୍ୟବସାୟୀ ଓ ବିକ୍ରୟସ୍ଥଳ ଉପରେ ନିୟମିତ ଚଢଉ ସହିତ ରାତ୍ରିକାଳୀନ ପାଟ୍ରୋଲିଂକୁ ଜୋରଦାର ପାଇଁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନକୁ ଦୃଷ୍ଟିରେ ରଖି ଅବକାରୀ କମିଶନର ଶ୍ରୀ ସିଂହ ଆଜି ସମୀକ୍ଷା କରିଥିଲେ। ଭର୍ଚୁଆଲ ମୋଡ ରେ ହୋଇଥିବା ଏହି ସମୀକ୍ଷା ବୈଠକରେ ଅବକାରୀ ବିଭାଗର ଉପ କମିଶନର, ଅବାକରୀ ଅଧୀକ୍ଷକ, ଏନ ଫୋର୍ସମେଣ୍ଟ ସେଲ ର ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ୨୦୨୨ ପଂଚାୟତ ନିର୍ବାଚନ ଯେଭଳି ସୁରୁଖୁରୁରେ ହେବ ସେଥିପାଇଁ ପ୍ରସ୍ତୁତ ରଣନୀତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଆଲୋଚନା ସମୟରେ ଅବକାରୀ କମିଶନର ବେଆଇନ ନିଶା କାରବର ରୋକିବାପାଇଁ ସୀମାନ୍ତବର୍ତ୍ତୀ ଅଂଚଳ ଉପରେ କଡା ନଜର ରଖିବାପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଚଳିତ ଆର୍ଥିକ ବର୍ଷରେ ଏନ ଫୋର୍ସମେଣ୍ଟ କାର୍ଯ୍ୟକଳାପର ସମୀକ୍ଷା ହୋଇଥିଲା। ଏଥିରୁ ଜଣାପଡିଛି ଯେ ୨୦୨୧-୨୨ ବର୍ଷରେ ଜାନୁୟାରୀ ମାସ ଶେଷ ସୁଦ୍ଧା ୩୧,୧୩୩ଟି ଅବକାରୀ ମାମଲା ରୁଜୁ ହୋଇଥିବାବେଳେ ୨୫,୬୪୧ ଜଣ ଗିରଫ ହୋଇଛନ୍ତି । ଏହି ସମୟରେ ୮.୪୬,୪୯୩ ଲିଟର କାରଖାନା ପ୍ରସ୍ତୁତ ଦେଶୀ ମଦ, ୮୯,୨୧,୫୩୧ କିଲୋ ମହୁଆ ମଦ ପ୍ରସ୍ତୁତି ସାମଗ୍ରୀ, ୭୪୮୩ ଲିଟର ନକଲି ବିଦେଶୀ ମଦ, ୨୧୪୬ ଲିଟର ଟିକସ ଫାଙ୍କି ବିଦେଶୀ ମଦ, ୩୭୦୧ ଲିଟର ସ୍ପିରିଟ , ୨୫,୭୫୭ କିଲୋ ଗଞ୍ଜେଇ, ୧୦,୩୯୪ ଗ୍ରାମ ବ୍ରାଉନସୁଗାର, ୫୯୧ ଲିଟର କଫସିରପ ଓ ୧୬୭୫ଟି ଯାନବାହାନ ଜବତ ହୋଇଛି।

## ଇଫକୋର ଜ୍ୟୋତି ଲେଡିଜ୍ କ୍ଲବ୍ ପକ୍ଷରୁ ଗୋଖାଦ୍ୟ ବଣ୍ଟନ

ପାରାଦୀପ,୧୧।୨(ପି.ଏନ): ପାରାଦୀପ ବନ୍ଦର ଉପକଣ୍ଠ ବିଜୟଚନ୍ଦ୍ରପୁରସ୍ଥିତ ଗୋ-ସେବା ଆଶ୍ରମରେ ଇଫକୋର ଜ୍ୟୋତି ଲେଡିଜ୍ କ୍ଲବ୍ ପକ୍ଷରୁ ଗୋଖାଦ୍ୟ ଓ ଗୋସେବକମାନଙ୍କ ପାଇଁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଆଶ୍ରମରେ ଥିବା ୬୩ଟି ଗୋମାତାଙ୍କ ନିମନ୍ତେ ୧୫ କୁଇଣ୍ଟାଲ ଗୋଖାଦ୍ୟ ପ୍ରଦାନ କରାଯାଇଥିଲା । ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ମମତା ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବଣ୍ଟନ କାର୍ଯ୍ୟକ୍ରମରେ ଇଫକୋର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା, ଲେଡିଜ୍ କ୍ଲବ୍‌ର ପରାମର୍ଶଦାତା ଶଶି ଗୋୟେଲ, ଆଶ୍ରମ ସଭାପତି କର୍ମଜିତ ଜେନା, ସମ୍ପାଦକ ମହନ୍ତ ମହାରାଜ ପ୍ରମୁଖ ସହଯୋଗ କରିଥିଲେ । ପ୍ରକାଶଥାଉକି, ୨୦୦୬ ମସିହାରେ ଇଫକୋରେ ପ୍ରତିଷ୍ଠା ହୋଇଥିଲା ଜ୍ୟୋତି ଲେଡିଜ୍ କ୍ଲବ୍। ପ୍ରତିଷ୍ଠା ହେବା ଦିନ ଠାରୁ ଜ୍ୟୋତି ଲେଡିଜ୍ କ୍ଲବ୍ ନିରବଚ୍ଛିନ୍ନ ଭାବେ ବୃଦ୍ଧାଶ୍ରମରେ ଖାଦ୍ୟ, ବସ୍ତ୍ର ବଣ୍ଟନ,ଗରୀବ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପୁସ୍ତକ,ପୋଷାକ ଓ ସ୍କୁଲ ଫି ପ୍ରଦାନ, ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଟ୍ରାଇ ସାଇକେଲ ଓ ହ୍ୱିଲ୍ ଚେୟାର ପ୍ରଦାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଆତ୍ମନିର୍ଭରଶୀଳ ହେବା ପାଇଁ ବିଭିନ୍ନ ଉପକରଣ ବଣ୍ଟନ ଭଳି ମହତ୍ କାର୍ଯ୍ୟ କରି ସାଧାରଣରେ ବେଶ୍ ପ୍ରସଂଶିତ ହେଉଛି ।




## ନିର୍ବାଚନ ପାଇଁ ବଡ଼ ପ୍ରସଙ୍ଗ, ଯୋଗ୍ୟ ହିତାଧିକାରୀ ଆବା ଯୋଜନାରୁ ବଞ୍ଚିତ, ମନରେଗା ଯୋଜନାରେ ବ୍ୟାପକ ଦୁର୍ନିତୀ

କେନ୍ଦୁଝର:୧୨/୨(ପି.ଏନ): କେନ୍ଦୁଝର ଜିଲ୍ଲାର ୩୭ ଆସନ ବିଶିଷ୍ଟ ଜିଲ୍ଲା ପରିଷଦ ପାଇଁ ନିର୍ବାଚନ ୫ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ସେଥିମଧ୍ୟରୁ ଘଟଗାଁ, ଘଷିପୁରା, ବାଂଶପାଳ ବ୍ଲକ୍‌ରେ ୧୬ ତାରିଖ, ହରିଚନ୍ଦନପୁର, ତେଲକୋଇ ବ୍ଲକରେ ୧୮ ତାରିଖ, ହାଟଡିହି, ଝୁମ୍ପୁରା, ଆନନ୍ଦପୁର ବ୍ଲକରେ ୨୦ ତାରିଖ,ପାଟଣା,ଚମ୍ପୁଆ,ଯୋଡା ବ୍ଲକରେ ୨୨ ତାରିଖ ଓ କେନ୍ଦୁଝର ସଦର ଓ ସାହାରପଡାରେ ୨୪ ତାରିଖରେ ନିର୍ବାଚନ ହେବାକୁ ଯାଉଛି। ସମୁଦାୟ ୩୭ଟି ଜୋନରେ ୩୭୫୪ ବୁଥରେ ୧୧ଲକ୍ଷ ୮୫ହଜାର ୯୮୪ଜଣ ଭୋଟର ମତଦାନ କରିବେ। ନିର୍ବାଚନ ଯେତେ ପାଖେଇ ଆସୁଛି ସେତେ ଉଷ୍ମତା ବୃଦ୍ଧି ପାଉଛି। ଜିଲ୍ଲାର ବହୁ ବଡ ବଡ ସମସ୍ୟା ପ୍ରତି ସରକାର ଅଣଦେଖା କରୁଛନ୍ତି। ବିଜେଡି ଓ ବିଜେପି ମଧ୍ୟରେ ଲଢେଇ ହେଉଥିବାବେଳେ ଲୋକଙ୍କ ବିଭିନ୍ନ ସମସ୍ୟା କୁ ନେଇ ବିଜେପି ଶାସକ ଦଳକୁ ଅଡୁଆରେ ପକାଉଛି। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ପ୍ରସଙ୍ଗକୁ ନେଇ ଚାଲିଛି ବଡ ଚର୍ଚ୍ଚା। ଜିଲ୍ଲାରେ କେତେକ ମୁଷ୍ଟିମେୟ ଲୋକଙ୍କ ସମ୍ପତ୍ତି ବଢିବାରେ ଲାଗିଥିବାବେଳେ ଖଟିଖିଆ ଶ୍ରମିକଙ୍କ ସମସ୍ୟା ପାଇଁ କେହି ଚିନ୍ତା କରୁନାହାଁନ୍ତି। ଶାସନରେ ବିଜେଡି ଥିବାବେଳେ ଏବଂ ଗତ ଜିଲ୍ଲା ପରିଷଦ ତାଙ୍କ ଅଧିନରେ ଥିବାରୁ ଏଥର ମଧ୍ୟ ପୁଣି ନିଜ ଦଖଲରେ ରଖିବାକୁ ରଣକୌଶଳ ପ୍ରସ୍ତୁତ କରିଛି। ବିଜେଡି ନିଜ କାମକାର୍ଯ୍ୟକୁ ପାଥେୟ କରି ନିର୍ବାଚନ ବୈତରଣୀ ପାର ହେବାକୁ ଯୋର ଲଗାଇଛି। ତେବେ ଜିଲ୍ଲାର ବିଭିନ୍ନ ସମସ୍ୟା ଲଗି ରହିଥିବାରୁ ଏହାର ଫାଇଦା ବିଜେପି ନେବାକୁ ବସିଛି। ସେହିପରି ସମସ୍ତ ନିର୍ବାଚନମଣ୍ଡଳୀରେ ବିଜେଡି ଅନ୍ତଦ୍ୱନ୍ଦ ଏବଂ ଅପହଞ୍ଚ ସରକାରୀ ଯୋଜନା ବିଜେଡି ପାଇଁ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ଅନେକ ସ୍ଥାନରେ ବିଜେଡି ନେତା ସ୍ଥାନୀୟ ଲୋକଙ୍କ ରୋଷଣ ଶୀକାର ହେଉଥିବାରୁ ଏହାର ଫାଇଦା ବିଜେପି ନେବାକୁ ଉଦ୍ୟମ ଚଲାଇଛି। ପ୍ରକାଶ ଯେ, ଖଣିଖାଦାନ ଭରା ରତ୍ନଗର୍ଭା କେନ୍ଦୁଝର ଜିଲ୍ଲାରେ ବହୁ ଲୋକ ଏବେ ବି ମୌଳିକ ସମସ୍ୟାରୁ ବଞ୍ଚିତ ହୋଇଛନ୍ତି। ଅନେକ ଗାଁ ଏବେ ବି ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ପଛୁଆ ରହିଥିବାବେଳେ ଅଦ୍ୟାବଧି ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବହୁ ବୃଦ୍ଧ/ବୃଦ୍ଧା ଭତ୍ତା ପାଇବାରୁ ବଞ୍ଚିତ ରହିଥିବାବେଳେ ଆବାସ ଯୋଜନାରେ ବହୁ ଯୋଗ୍ୟ ହିତାଧିକାରୀ ଘର ଖଣ୍ଡେ ମଧ୍ୟ ପାଇ ପାରିନାହାଁନ୍ତି। ଅନ୍ୟପକ୍ଷରେ ଜଣେ ଜଣେ ହିତାଧିକାରୀ ଏକାଧିକ ଘର ପାଇଥିବାର ଅଭିଯୋଗ ହେଉଛି। ପଲିଥିନ ଏବଂ ଭଙ୍ଗା ଚାଳ ଛପର ଘରେ ରହୁଥିବା ବହୁ ଗରିବ ଲୋକ ପଞ୍ଚାୟତ,ବ୍ଲକ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଦୌଡି ଦୌଡି ନିରାଶ ହେଉଛନ୍ତି। ଫଳରେ ନିର୍ବାଚନ ସମୟରେ ଏବେ ପ୍ରାର୍ଥୀମାନେ ଭୋଟର ପାଇଁ ବିଭିନ୍ନ ପ୍ରତିଶୃତି ଦେଲେ ମଧ୍ୟ ଆକ୍ରୋଶ ଏବଂ ବିରୋଧର ଶୀକାର ହେଉଛନ୍ତି। ଜିଲ୍ଲାରେ ଦୀର୍ଘ ବର୍ଷ ହେବ କୌଣସି ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ହୋଇପାରିନଥିବାରୁ ଏବଂ ଖଣିରେ ମେସିନରେ କାମ ହେଉଥିବାରୁ ବେରୋଜଗାର ସମସ୍ୟା ଜଟିଳ ହୋଇପଡିଛି। ଲୋକମାନେ କାମଧନ୍ଦା ନପାଇ ରାଜ୍ୟ ବାହାରକୁ ପଳାଇ ନିର୍ଯ୍ୟାତିତ ହୋଇ ଘରକୁ ଫେରୁଛନ୍ତି। କେନ୍ଦୁଝର ଜିଲ୍ଲାରେ ଟ୍ରକ ବ୍ୟବସାୟ କରି ହଜାର ହଜାର ପରିବାର ବଞ୍ଚୁଥିଲେ ହେଁ ବାହାର ରାଜ୍ୟର ଟ୍ରଲର ପ୍ରବେଶ ଦ୍ୱାରା ଋଣ କରି ଟ୍ରକ କରିଥିବା ମାଲିକମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଯାହାର ପ୍ରତିଫଳନ ନିର୍ବାଚନରେ ପଡିବାରେ ଆଶଙ୍କା ରହିଛି। ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବା ପାଇଁ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ମନରେଗା) ହୋଇଛି। ଏହି ଯୋଜନାରେ କାମ ଧନ୍ଦା ମିଳୁନଥିବାରୁ ବହୁ ଲୋକ ଘରେ ଭୋକ ଉପାସରେ ପଡି ରହୁଛନ୍ତି। ଜିଲ୍ଲାରେ ମିଥ୍ୟା ଶ୍ରମ ଦିବସ ସୃଷ୍ଟି ହେଉଥିବା କାଗଜକଲମରେ ଦର୍ଶାଯାଇ ଗ୍ରାମସାଥି, ପିଇଓ, କନିଷ୍ଠଯନ୍ତ୍ରୀ, ସରପଞ୍ଚ,ଏପିଓଙ୍କ ମାଧ୍ୟମରେ ଅର୍ଥ ହରିଲୁଟ ହେଉଛି। ମଲା ଲୋକ କାମ କରୁଥିବାବେଳେ ଜଣେ ଜଣେ ଶ୍ରମଜୀବୀଙ୍କ ନାମରେ ଏକାଧିକ ଜବକାର୍ଡ ରହି ଅର୍ଥ ରହିଲୁଟ ହେଉଛି। ଏହି ଯୋଜନାରେ ଯେଉଁ ପ୍ରକଳ୍ପ ହେଉଛି ତାହା ବାସ୍ତବରେ ଲୋକଙ୍କ କାମରେ ଲାଗୁନାହିଁ। ଅନେକ ପ୍ରକଳ୍ପରେ ଅଧିକ ବ୍ୟୟ ଅଟକଳ କରାଯାଇ ଅର୍ଥ ହଡପ ହେଉଛି। ଶାସକ ଦଳ ନେତାଙ୍କ ଏଥିରେ ସଂପୃକ୍ତି ରହୁଥିବାରୁ ଅଭିଯୋଗ ହେଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହି ଯୋଜନାରେ ୨୦୨୦-୨୧ ଆର୍ଥିକ ବର୍ଷରେ ୧କୋଟି ୨୫ ଲକ୍ଷ ୮୭ହଜାର ୪୫୮ ଶ୍ରମ ଦିବସ ସୃଷ୍ଟି ହୋଇଥିବାବେଳେ ୩୯୯ କୋଟି ୬୪ ଲକ୍ଷ ୮୪ହଜାର ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୧-୨୨ ମସିହାରେ ଅଦ୍ୟାବଧି ୧ କୋଟି ୯ଲକ୍ଷ ୨୬ହଜାର ୭୦୨ ଶ୍ରମ ଦିବସ ସୃଷ୍ଟି ହୋଇଥିବାବେଳେ ୨୭୬କୋଟି ୭୩ ଲକ୍ଷ ୮୬ହଜାର ଟଙ୍କା ଖର୍ଚ୍ଚ ହୋଇଛି। କୋଭିଡ ସମୟରେ ମନରେଗାରେ ଅଧିକ ଶ୍ରମ ଦିବସ ସୃଷ୍ଟି ପାଇଁ ମନରେଗା ଯୋଜନାରେ ଅଧିକ ଖର୍ଚ୍ଚ ହୋଇଥିଲେ ମଧ୍ୟ ତଦାରଖ ଅଭାବରୁ ଯୋଜନାର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଦ୍ୟାବଧି ବହୁ ପ୍ରତିକ୍ଷିତ କାନପୁର ବୃହତ ଜଳସେଚନ ପ୍ରକଳ୍ପ,ସରକାରୀ ମେଡିକାଲ କଲେଜ,ଗ୍ରାମୀଣ ଜଳଯୋଗାଣ ପ୍ରକଳ୍ପ ଆଦି କାର୍ଯ୍ୟ ଅଧପନ୍ତରିଆ ହୋଇ ରହିଥିବାରୁ ଲୋକଙ୍କ କାମରେ ଲାଗି ପାରୁନାହିଁ। ଗ୍ରାମାଞ୍ଚଳରେ ରାସ୍ତାଘାଟ,ପୋଲ ଆଦି ନଥିବାରୁ ଲୋକମାନେ ଯାତାୟତରେ ଅସୁବିଧା ସୃଷ୍ଟି ହେଉଛି। ରାସ୍ତାଘାଟ ନଥିବାରୁ ଅନେକ ଗାଁକୁ ଜରୁରୀ ସେବା ଆମ୍ବୁଲାନ୍ସ ପହଁଚି ପାରୁନାହିଁ। ଏଣୁ ପ୍ରସୂତି ମହିଳାମାନେ ଖଟ କିମ୍ବା ଝୁଡିରେ ବୁହାହୋଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆସିବାକୁ ପଡୁଛି। ବହୁ ଦୁର୍ଗମ ଗାଁ ଲୋକ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିଲେ ମଧ୍ୟ ତାଙ୍କ ସମସ୍ୟା ସମାଧାନ ପାଇଁ ରାଜନୈତିକ ଏବଂ ପ୍ରଶାସନର ଇଚ୍ଛାଶକ୍ତିର ଅଭାବ ବୋଲି ଅଭିଯୋଗ ହୋଇଆସୁଛି। ସେହିପରି ବ୍ଲକଠାରୁ ଆରମ୍ଭ କରି ତହସିଲ ଏବଂ ବିଭିନ୍ନ କାର୍ଯ୍ୟାଳୟରେ ଦୁର୍ନିତୀ ଯୋଗୁଁ ଲୋକ ଅତିଷ୍ଠ ହୋଇପଡିଲେଣି। ବ୍ଲକରେ ପିସି ବନ୍ଦ କରିଥିବା ସରକାର ଡିଣ୍ଡିମ ପିଟୁଥିବାବେଳେ ବିନା ପିସିରେ କୌଣସି କାମ ହେଉନାହିଁ। ଯାହାର ତଦାରଖ ଏବଂ କାର୍ଯ୍ୟନୁଷ୍ଠାନ ହେଉନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଚଳିତ ପଞ୍ଚାତ ନିର୍ବାଚନରେ ଏହାର ପ୍ରତିଫଳନ ହେବାର ଆଶଙ୍କା ଥିବାରୁ ବିଜେପିକୁ ଫାଇଦା ମିଳିପାରେ। ଜିଲ୍ଲାରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଆସନ୍ତା ୧୬ ତାରିଖରୁ ଭୋଟ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଜିଲ୍ଲାର ବିକାଶ ପାଇଁ ଏଥର କ୍ଷମତା ପରିବର୍ତ୍ତନ କରିବାକୁ ଭୋଟରମାନଙ୍କୁ ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ନିବେଦନ କରିଛନ୍ତି।

## ମୋଦି ଦେଶର ପ୍ରଧାନମନ୍ତ୍ରୀଙ୍କ ପଦବୀର ଗାରିମାକୁ କ୍ଷତି ପଂହଚାଇଛନ୍ତି : କଂଗ୍ରେସ

ଭୁବନେଶ୍ୱର, ୧୧।୨(ପି.ଏନ): ଗତ କିଛିଦିନ ଧରି ଭାରତ ବର୍ଷର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ମନ୍ତ୍ରୀମଣ୍ଡଳର ଅର୍ଥମନ୍ତ୍ରୀ ଗଣତନ୍ତ୍ରର ମନ୍ଦିର ଭିତରେ ପୁଳା ପୁଳା ମିଛ କହିବା ସହିତ ଭାରତ ବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ବହୁ ସମୟରେ ସରକାରରେ ରହିଥିବା କଂଗ୍ରେସ ବିରୋଧରେ ନିମ୍ନମାନର କଥା କହିଚାଲିଛନ୍ତି। ମୋଦି ଏବଂ ଶ୍ରୀମତୀ ନିର୍ମଳା ଶୀତାରମଣ କହିଛନ୍ତି କଂଗ୍ରେସର ସମୟ ଥିଲା ଅନ୍ଧାକାରର ଯୁଗ ଏବଂ ୨୦୧୪ ମସିହା ପାଖର ଭାରତବର୍ଷର ଅମୃତକାଳ ଆରମ୍ଭ ହୋଇଛି। ଆଜି ପ୍ରଦେଶ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ ମହାନ୍ତି ଜବାବ ରଖିବା ସହିତ ସମସ୍ତ ତଥ୍ୟ ଗଣମାଧ୍ୟମ ସାମନାରେ ଉପସ୍ଥାପନ କରିଥିଲେ। ୧୯୪୭ ମସିହାରେ ଶିକ୍ଷାକ୍ଷେତ୍ରରେ ଭାରତବର୍ଷ ବହୁ ପଛରେ ଥିଲା। ସେ ସମୟରେ ମାତ୍ର ୨୦ଟି ବିଶ୍ୱବିଦ୍ୟାଳୟ ଥିଲା ଏବଂ ୪୯୬ ଟି କଲେଜ ଥିଲା ଏବଂ ପାଖାପାଖି ସାରା ଭାରତବର୍ଷରେ ୨ଲକ୍ଷ ୪୧ ହଜାର ୩୬୯ ଜଣ ଛାତ୍ରଛାତ୍ରୀ ଏ କଲେଜ ଓ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। କିନ୍ତୁ ୨୦୧୪ ମସିହା ବେଳକୁ ଭାରତ ବର୍ଷ ୬୬୭ଟି ୟୁନଭରସିଟି ହୋଇସାରିଛି ତନ୍ମଧ୍ୟରୁ ୪୫ଟି ସେଂଟ୍ରାଲ ୟୁନଭରସିଟି ଏବଂ ୩୧୮ ଟି ରାଜ୍ୟ ବିଶ୍ୱବିଦ୍ୟାଳୟ ହୋଇଛି। ୩୭ ହଜାର ୮ଶହରୁ ଅଧିକ କଲେଜ ହୋଇପାରିଛି। ୧୯୫୦ ମସିହାରେ କଂଗ୍ରେସ ସରକାର ପ୍ରଧାନମନ୍ତ୍ରୀ ନେହେରୁଙ୍କ ଦିଗଦର୍ଶନରେ ପ୍ରଥମ ଆଇଆଇଟି ଖଡ଼ଗପୁରରେ ସ୍ଥାପନ ହୋଇଥିଲା। ୧୯୫୮ ମସିହାରେ ମୁମ୍ବାଇରେ ୧୯୬୧ରେ ଦିଲ୍ଲୀରେ ଆଇଆଇଟି ହୋଇସାରିଥିଲା। ୧୯୫୬ ମସିହା ବେଳକୁ ଏମ୍ସ ହୋଇସାରିଥିଲା। ଭାରତବର୍ଷରେ ୧୩ଟି ଏମ୍ସ କଂଗ୍ରେସ ସରକାର ସମୟରେ ହୋଇଛି। ୧୯୫୬ ମସିହାବେଳକୁ ୟୁଜିସି ଗଠନ କରାସରିଛି ୧୯୬୨ ବେଳକୁ ସିବିଏସି ଗଠନକରା ସରିଛି। ୧୯୫୦ ମସିହାରେ ୭୨୫ ପ୍ରାଇମେରୀ ହେଲ୍‌ଥ ସେଂଟର ଥିଲା। ୧୯୬୯ ମସିହା ବେଳକୁ ଇସ୍ରୋର ସ୍ଥାପନ କରାଯାଇଥିଲା ଯଦ୍ୱରାକି ମହାକଶାର ଗବେଷଣା କ୍ଷେତ୍ରରେ ଭାରତ ବିଶ୍ୱରେ ନିଜର କୃତିତ୍ୱ ପ୍ରତିପାଦିତ କରିପାରିଥିଲା। ୧୯୫୮ ରେ ଡିଆରଡିଓ ସ୍ଥାପନ କରାଯାଇଥିଲା ଏହାଦ୍ୱାର ଭାରତବର୍ଷ ବିଭିନ୍ନ ପ୍ରକାର କ୍ଷେପଣାସ୍ତ୍ର ପ୍ରସ୍ତୁତ କରିବାରେ ସମର୍ଥ ହୋଇପାରିଥିଲା।









# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ

୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କିନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା



ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା' ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

## ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

# ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙଂକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

## ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ । କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ । ପଙ୍ଖାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ । ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା । ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି । ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ । ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# ଜୈବିକ କୃଷିସାରର ସମନ୍ୱିତ ପରିଚାଳନା

ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି । ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିନ୍ତୁ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

**ଜୈବିକ କୃଷିସାର କ'ଣ ?**

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ ଥାଏ । ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ । ଯେପରି କି ନାଇଟ୍ରୋଜେନ୍ ଫିକ୍ସିଂ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ



**ବିଭିନ୍ନ ପ୍ରକାର ଜୈବିକ କୃଷିସାର :**

୧) ରାଇଜବିଆ, ଅଜୋଟୋବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା ।

୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର ।

ଡାଲି ଜାତୀୟ ଫସଲ :

ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ ।

ଶୈବାଳର ଉପଯୋଗିତା :

ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ । କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଂ ପରିମାଣ ବଢ଼ାଇ ଥାଏ । ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା । ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ । (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ ।

**ଫସ୍‌ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ:**

ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍‌ଫରସ୍‌କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ) ।

ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :

ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%

**ଆଜୋଲା :**

ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଂ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଂ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।





# ନଡ଼ିଆ ଗଛରେ କାଳିମୁଣ୍ଡି ପୋକ ନିୟନ୍ତ୍ରଣ

ନଡ଼ିଆ ଏକ ଅର୍ଥକାରୀ ଫସଲ ଏବଂ ନଡ଼ିଆ ଗଛ ରେ ଲାଗୁଥିବା କୀଟ ମାନଙ୍କ ମଧ୍ୟରୁ କାଳିମୁଣ୍ଡି ପୋକ ଗଛ ପାଇଁ ବିଶେଷ କ୍ଷତିକାରକ । ଏହା ଏକ ପ୍ରଜାପତି ଜାତୀୟ କୀଟ ଏବଂ ଏହାର ଲାର୍ଭା ଅବସ୍ଥା ଗଛ କୁ ପହଞ୍ଚାଇଥାଏ । ଏହି ଲାର୍ଭା ର ମୁଣ୍ଡ କଳା ରଙ୍ଗ ର ହେଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ । ଲାର୍ଭା ଟି ଦେଖିବାକୁ ଗାଢ଼ ଧୂସର ରଙ୍ଗର ଏବଂ ଅଣ୍ଡା ରୁ ବାହାରି ଏମାନେ ସବୁଜ ପତ୍ର କୁ ଖାଇଥାନ୍ତି । ପତ୍ର କୁ ଖାଇବା ସହ ଏମାନେ ପତ୍ରରେ ସୁଡଙ୍ଗ ତିଆରି କରନ୍ତି, ସେଥିରେ ଖାଇ ମଳତ୍ୟାଗ କରନ୍ତି ଯାହା ଫଳ ରେ ପତ୍ର ର କେବଳ ମୁଖ୍ୟ ଶିରା ରହିଯାଏ କ୍ଷ ଦୂରରୁ ଦେଖିଲେ ନଡ଼ିଆ ବଗିଚ଼ା ପୋଡିଗଲା ପରି ଦେଖାଯାଏ ।



ପରିଚ଼ାଳନା:

- ଖରା ଦିନ ଆରମ୍ଭ ହେବ ପୂର୍ବରୁ ପୋକ ଦ୍ୱାରା କ୍ଷତ ପତ୍ର ଗୁଡିକୁ କାଟି ପୋଡିଦେବା ଉଚ଼ିତ ।

କ୍ଟ ଗଛ ଟି ଛୋଟ ଅବସ୍ଥା ରେ ଥିଲାବେଳେ ୪ ଲିଟର ପାଣିରେ ଡାଇକ୍ଲୋରୋଭସ୍ ୧ ମିଲି ଲିଟର ମିଶାଇ ଅକ୍ରାନ୍ତିତ ଗଛର ପତ୍ରରେ ସିଞ୍ଚନ କରିବା ଦ୍ୱାରା ହେଉଥିବା କ୍ଷତି କମ କରାଯାଇପାରିବ ।

- ବ୍ରାକନ ବ୍ରେଭିକରନିଶ ନାମକ ଭଅଁର ଜାତୀୟ ଶତ୍ରୁ ପୋକକୁ ନଡିଆ ଫସଲରେ ୭ରୁ ୧୦ ଦିନ ବ୍ୟବଧାନରେ ୩ ରୁ ୪ ଥର ପ୍ରୟୋଗ କରାଯାଏ । ଏହି ଶତ୍ରୁ ପୋକଟି କାଳିମୁଣ୍ଡି ଲାର୍ଭା ଦେହ ଭିତରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ବାହାରି ଏହାକୁ ପୋକକୁ ଖାଇ ଦିଅନ୍ତି । ଯାହା ଫଳରେ କାଳିମୁଣ୍ଡି ପୋକର ବଂଶ ଲୋପପାଏ ଏବଂ ନଡିଆ ଗଛ ଗୁଡିକ କାଳିମୁଣ୍ଡି ପୋକର ଆକ୍ରମଣରୁ ରକ୍ଷା ପାଏ ।

ରୁଦ୍ର ପ୍ରତାପ ସୁବୁଦ୍ଧି
ସହାକରୀ ପ୍ରାଧାପକ,
ମିଟସ୍ , ରାୟଗଡ଼ା

# କୃଷି ପର୍ଯ୍ୟଟନ

କୃଷି ପର୍ଯ୍ୟଟନ କୃଷି ଭିତିକ କର୍ଜ୍ୟକଳାପ ସହ ଜଡିତ ଯାହା ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ସହିତ ଚ଼ାଷ ଜମି ର ସୌନ୍ଦର୍ଜ୍ୟ ଏବଂ ଚ଼ାଷୀ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିଥାଏ । ଲୋକମାନେ ବର୍ତମାନ ଖାଦ୍ୟ କିପରି ଉତ୍ପାଦିତ ହୁଏ , କିପରି ପ୍ରକ୍ରିୟାକରଣ ହୁଏ ଏବଂ କିପରି ବିଭିନ୍ନ ବଜାର ରେ ପହଞ୍ଚ ? , ସେ ବିଷୟରେ ଜାଣିବା ପାଇ ଇଚ୍ଛା ପ୍ରକାଶ କରୁଛନ୍ତି । ଆମ ଓଡିଶା ସାରା ଭାରତରେ ଉଭୟ



ଘରୋଇ ଏବଂ ବିଦେଶୀ ନାଗରିକ ଙ୍କ ପାଇଁ ଏକ ଲୋକପ୍ରିୟ କୃଷି ପର୍ଯ୍ୟଟନ ର ଗନ୍ତବ୍ୟସ୍ଥଳ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ଓଡିଶା ରେ କୃଷକ ମାନଙ୍କ ଜୀବନଶୈଳୀ, ଆମର ସଂସ୍କୃତି ଏବଂ ପାରମ୍ପାରିକ ପ୍ରଥମିକତା ବିଷୟରେ ପର୍ଯ୍ୟଟକ ମାନେ ଅବଗତ ହୋଇପାରିବେ ଏହା ଛଡା ସ୍ଥାନୀୟ କୃଷି ଜାତୀୟ ଦ୍ରବ୍ୟ ଏବଂ ବିଭିନ୍ନ କୃଷି ପ୍ରକ୍ରିୟା ସହ ସିଧାସଳଖ ଯୋଡି ହୋଇପାରିବେ ।

ଦେଶ ର ସବୁଠାରୁ ଅଧିକ ଧାନ ଉତ୍ପାଦନ କରୁଥିବା ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ । ଓଡିଶା ର ଧାନ ଉତ୍ପାଦନ ଦେଶ ର ମୋଟ ଚ଼ାଉଳ ଉତ୍ପାଦନ ର ଏକ ଦଶମାଂଶ ଅଟେ । ଆମ ରାଜ୍ୟ ରେ ଚ଼ାଷୀ ଙ୍କ ଦ୍ୱାରା ଚ଼ାଷ କରାଯାଉଥିବା ମୁଖ୍ୟ ଫସଲ ଗୁଡିକ ହେଉଛି ଧାନ, ଝୋଟ, ବିଭିନ୍ନ ତୈଳଜାତୀୟ ଫସଲ, ଡାଲି ଜାତୀୟ, ମକା, ଆଖୁ, ଚ଼ା, କପା, ରବର, ମାଣ୍ଡିଆ, ରାଗି, ଆଳୁ, ବିଭିନ୍ନ ଫଳ ଏବଂ ପଣି ପନିପରିବା ଇତ୍ୟାଦି । ଓଡିଶା ରେ ବିଭିନ୍ନ ଋତୁ ରେ ବିଭିନ୍ନ ଫସଲ ଚ଼ାଷ କରାଯାଇଥାଏ । ଏହା ସହିତ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କ ରେ ବିଭିନ୍ନ ପ୍ରଜାତି ର ମାଛ ,ଚ଼ିଙ୍ଗୁଡି ଏବଂ କଙ୍କଡା ଚ଼ାଷ କରାଯାଇଥାଏ । ପଶୁପାଳନ ଏବଂ କ୍ଷୀର ଉତ୍ପାଦନ ରେ ମଧ୍ୟ ଓଡିଶା ବହୁତ ଆଗରେ ।



ଅନିଲ କୁମାର ମିଶ୍ର

କୃଷି ପର୍ଯ୍ୟଟନ ମାଧ୍ୟମରେ ପରିଦର୍ଶକ ମାନେ ଶସ୍ୟ ପର୍ଯ୍ୟଟନ , ପନିପରିବା ପର୍ଯ୍ୟଟନ , ଫଳ ପର୍ଯ୍ୟଟନ , ପଶୁପାଳନ ପର୍ଯ୍ୟଟନ ଏବଂ ମଛାଚ଼ାଷ ପର୍ଯ୍ୟଟନ ସ୍ଥଳ ବୁଲି ଦେଖି ପାରିବେ । କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଲାଭବାନ ସୂତ୍ର ।

❖ ଚ଼ାଷୀ ମାନେ ପ୍ରତ୍ୟକ୍ଷ ଭାବେ ନିଜ ଉତ୍ପାଦନ ର ବିପଣନ କରିପାରିବେ । କୃଷି ପର୍ଯ୍ୟଟନ ଚ଼ାଷୀ ଙ୍କୁ ମୂଲ୍ୟ ନିର୍ବାହକାରୀ ପରିବର୍ତ୍ତେ ? ମୂଲ୍ୟ ନିର୍ମାତା ଭାବରେ ରୂପାନ୍ତର କରିପାରିବ ।

❖ କୃଷି ପର୍ଯ୍ୟଟନ କୃଷକ ପାଇଁ ଆୟର ଏକ ଅତିରିକ୍ତ ସହାୟକ ସ୍ରୋତ ହୋଇପାରିବ ଏବଂ ସେଇ ପୂର୍ବ ଜମି ଆଧାର ରେ ଚ଼ାଷୀ ଅଧିକ ଲାଭବାନ ହୋଇପାରିବ ।

❖ କୃଷି ପର୍ଯ୍ୟଟନ ସ୍ଥଳ ପାଇଁ ଆକର୍ଷିତ ହୋଇଥିବା ପରିଦର୍ଶକ ମାନେ ପୁରୁଣା କୃଷି ଦ୍ରବ୍ୟ କିଣିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବେ ।

❖ ଫସଲ ଉତ୍ପାଦନ ସମୟ ଛଡା ମଧ୍ୟ ଟିକିଏ ଚ଼ତୁରତା ସହିତ ଚ଼ାଷୀ ବର୍ଷ ତମାମ ଅର୍ଥ ଉପାର୍ଜନ କରିପାରିବ ।

❖ ମୁଖ୍ୟତ କୃଷି ପର୍ଯ୍ୟଟନ ଦ୍ୱାରା କୃଷକ ଏବଂ ଗ୍ରାହକ ଙ୍କ ସହଭାଗୀତା କୁ ବୃଦ୍ଧି କରିବାରେ ସଫଳ ହୋଇପାରିବ ।

❖ ଏହା ମଧ୍ୟ ବିଦ୍ୟାଳୟ ରେ ପଢୁଥିବା ପିଲାମାନଙ୍କ ପାଇଁ ଏବଂ କୃଷି ଆଗ୍ରହୀ ଲୋକ ଙ୍କ ପାଇଁ ପ୍ରଶିକ୍ଷଣ ର ସୁଯୋଗ ସୃଷ୍ଟି କରିବା ସହିତ ପରିବାର ଅନୁକୂଳ ଗନ୍ତବ୍ୟସ୍ଥଳ ଖୋଜୁଥିବା ଲୋକ ମାନଙ୍କ ପାଇଁ ଏକ ମନୋରଞ୍ଜନ ର ମାଧ୍ୟମ ହୋଇପାରିବ, ଯେଉଁଠି ସେମାନେ ବ୍ୟସ୍ତ ବହୁଳ ଜୀବନ ରୁ ବାହାରି ଆସି ପ୍ରକୃତି, ଉଦ୍ଭିଦ, ଏବଂ ଘୋରୋଇ ପଶୁ ପକ୍ଷୀ ଙ୍କ ଗହଣ ରେ ସମୟ ଅତିବାହିତ କରିପାରିବେ ।

❖ କୃଷି ପର୍ଯ୍ୟଟନ କୃଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା ସହିତ ଛୋଟ ସମ୍ପ୍ରଦାୟର ଉନ୍ନତି ରେ ମଧ୍ୟ ଅଂଶଧର ହେବ ।

❖ ପର୍ଯ୍ୟଟନ ଦ୍ୱାରା ସ୍ଥାନୀୟ ଉତ୍ପାଦନ ଏବଂ ସେବା ଗୁଡିକର ବିକ୍ରୟ ରେ ବୃଦ୍ଧି ହେବ ସହ ସ୍ଥାନୀୟ ଅଞ୍ଚଳ ରେ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ ।

❖ ପଡୋଶୀ କ୍ଷୁଦ୍ର ଚ଼ାଷୀ ଙ୍କ ପାଇଁ ଏହା ଏକ ମାର୍କେଟିଂ ଭେନ୍ୟୁ ରୂପରେ ମଧ୍ୟ ବ୍ୟବହାର କରାଯାଇ ପାରିବ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଙ୍କ ମଧ୍ୟରେ ଏକ ସମନ୍ୱୟ ସମ୍ପର୍କ ବଢାଇବାରେ ସକ୍ଷମ ହେବା ସହ କୃଷକ ଙ୍କୁ ଅଧିକ ଲାଭଦାୟକ କରିପାରିବ । ସରକାର ମଧ୍ୟ କୃଷି ପର୍ଯ୍ୟଟନ କୁ ଗୁରୁତ୍ୱ ଦେବା ସହ ଚ଼ାଷୀ ମାନଙ୍କୁ ଏହି ସୁଯୋଗ ବିଷୟରେ ଅବଗତ କରାଇଲେ କୃଷି ଏବଂ କୃଷକ ର ଉନ୍ନତି ହୋଇପାରିବ ।

*କୃଷି ବିଶେଷଜ୍ଞ, ଭୁବନେଶ୍ୱର*

# କ୍ଷାରଜଳ ଜାଲଘର ମାଛ

ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଲବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ୍ୟ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ'





ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷିପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମେନ୍ତ ।

କ୍ଷାରଜଳ ଜାଲଘର ମାଛଚାଷର **ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି ।

୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ, କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ ।

୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।

୪) ପୋଖରୀ, ଗାଡ଼ିଆ ପରି ମାନଦ୍ଧ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।

୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି ।

୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।

୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।

୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ ।

୯) କୌଣସି ପ୍ରକାର ଭୂମି ଖଳନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ ।

୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ ।

୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।

୧୨) ଉପଯୁକ୍ତ ବଜାର ସ୍ଥାନ ଦେଖି ଏହାକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆମଦାନୀ ଓ ରପ୍ତାନୀର ଅସୁବିଧାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ।

୧୩) ଏଥିରେ ସହଜ ଏବଂ ସମ୍ପୂର୍ଣ୍ଣ ମାଛ ଉତ୍ପାଦନ ସମ୍ଭବ ।

୧୪) ଏଥିରେ ଦିଆଯାଉଥିବା ଖାଦ୍ୟର ସମ୍ପୂର୍ଣ୍ଣ ବିନିଯୋଗ ହୋଇଥାଏ ।

୧୫) ସବୁଠାରୁ ବଡ଼ କଥା ହେଲା ଏଥିରେ କମ୍ ଖର୍ଚ୍ଚରେ ସର୍ବାଧିକ ଲାଭ ହୋଇଥାଏ ।

(ରେମୁଣା , ବାଲେଶ୍ୱର,
ମୋ -୯୧୭୮୪୦୬୫୭)




## ବିଶିଷ୍ଟ ଶିକ୍ଷାବିତ୍ ଧର୍ମପରାୟଣ ବ୍ୟକ୍ତି ସ୍ୱର୍ଗତଃ ନିରଞ୍ଜନ ଆଚାର୍ଯ୍ୟଙ୍କ ଅନ୍ତିମ ସଂସ୍କାରରେ ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କର ଯୋଗଦାନ

ଯାଜପୁର (ପିଏନ୍)- ବିଶିଷ୍ଟ ଶିକ୍ଷାବିତ୍ ଓ ଧର୍ମପରାୟଣ ବ୍ୟକ୍ତି ସ୍ୱର୍ଗତଃ ନିରଞ୍ଜନ ଆଚାର୍ଯ୍ୟଙ୍କ ହୃଦ୍‌ଘାତରେ ବିୟୋଗ ହୋଇଯାଇଅଛି । ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ହୋଇଥିଲା। ତାଙ୍କ ମରଶରୀରକୁ ବାରୁଣୀ ପଡ଼ିଆସ୍ଥିତ ମହାଶ୍ମଶାନଠାରେ ଦିବା ଘ ୨ରେ ଅନ୍ତିମ ସଂସ୍କାର କରାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ ପାଇଁ ଶ୍ମଶାନ ଠାରେ ଏକଜୁଟ ହୋଇଥିଲେ। ବିଶେଷ କରି ଗୀତା ଜାଗରଣ ସମିତିର ଅଧ୍ୟକ୍ଷା ଅଡ଼ଭୋକେଟ ପ୍ରତିମା କର, ସମ୍ପାଦକ ଭାସ୍କର ମହାନ୍ତି, ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ, ବିଶିଷ୍ଟ ଶିକ୍ଷାବିତ୍ ସୁନାକର ମହାକୁଳ,କ୍ଷୀରୋଦ ଚନ୍ଦ୍ର ପାଠୀ, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମାଜସେବୀ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ହଳଧର ପାଣ୍ଡବ, ଅଧ୍ୟାପକ କାହ୍ନୁ ଚରଣ ମିଶ୍ର, ହୃଷୀକେଶ ପତି, ପଦ୍ମଜା ସ୍ୱାଇଁ, ଅଧ୍ୟାପକ ଦାମୋଦର ବେହେରା, କଲ୍ୟାଣ ଚନ୍ଦ୍ର ସାମଲ, ରତନ୍‌ଲାଲ୍ ଭୂୟାଁ, ଭଗବାନ ବାରିକ, ସଚ୍ଚିଦାନନ୍ଦ ଗୁରୁ, ଦେବେନ୍ଦ୍ର ସାମଲ, ରମେଶ ଚନ୍ଦ୍ର ସାହୁ, ଶଶୀକାନ୍ତ ଭୋଇ, ଶ୍ରୀଧର ସାହୁ, ଗୟାଧର ପଣ୍ଡା, ଶ୍ୟାମସୁନ୍ଦର କର, ଦେବେନ୍ଦ୍ର ମହାରଣା, ଚନ୍ଦ୍ରପ୍ରଭା ମହାରଣ୍ୟ, ଦିଲ୍ଲୀପ କୁମାର ମହାପାତ୍ର, ପଦ୍ମାକର ଗୁରୁ, ଚିନ୍ମୟ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ହୋଇ ଶେଷ ଦର୍ଶନ କରିଥିଲେ ଓ ଆଚାର୍ଯ୍ୟଙ୍କ ବିୟୋଗରେ ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବଡ଼ପୁଅ ଦେବାଶିଷ ଆଚାର୍ଯ୍ୟ ମୁଖାଗ୍ନି ଦେଇଥିବା ବେଳେ ସାନପୁଅ ଅମ୍ବରୀଶ ଆଚାର୍ଯ୍ୟଙ୍କ ସମେତ ୨ଭାଇ ଗଗନ ଓ ଅଶୋକ ଓ ପୁତୁରା, ସାହି ଭାଇ ଗ୍ରାମବାସୀ ଓ ବନ୍ଧୁ ପରିଜନ ଅନ୍ତିମ ସଂସ୍କାରରରେ ଉପସ୍ଥିତ ରହି ସ୍ୱର୍ଗତଃ ଆତ୍ମାଙ୍କ ପ୍ରତି ଭକ୍ତିପୂତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୰ଆଚାର୍ଯ୍ୟଙ୍କ ଅକାଳ ବିୟୋଗରେ ବିଂଝାରପୁର ଓ ଯାଜପୁର ଅଞ୍ଚଳରେ ଶୋକର ଛାଇ ଖେଳି ଯାଇଛି।

## ମହାତ୍ମାଗାନ୍ଧି ଫାଉଣ୍ଡେସନ ପକ୍ଷରୁ ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ ପାଳିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ମହାତ୍ମାଗାନ୍ଧି ଫାଉଣ୍ଡେସନ ପକ୍ଷରୁ ଜାତିର ଜନକ ମହାତ୍ମାଗାନ୍ଧିଙ୍କ ୭୪ତମ ମାହପ୍ରୟାଣ ଦିବସ ପାଳିତ ହୋଇଯାଇଛି । ଭାଲୁଖାଇସ୍ଥିତ ମହାତ୍ମାଗାନ୍ଧି ପ୍ରତିମୂର୍ତୀ ନିକଟରେ ଫାଉଣ୍ଡେସନର ସଭାପତି ଅଖିଳ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ଏଥିରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ସମର୍ଥର ସଭାପତି କାହ୍ନୁ ଚରଣ ଦାଶ, ପ୍ରାଧ୍ୟାପକ ସୁଶାଂ କୁମାର ପଣ୍ଡା, ରାଧାଶ୍ୟାମ ସାହୁ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରନ କର, ଇନର ହୁଇଲ କ୍ଲବର ପୁର୍ବତନ ସଭାନେତ୍ରି ମାଧୁରୀ ଶତପଥୀ, ମିନତୀ ସାହୁ, ଶିକ୍ଷକ ନେତା ଯୁଧୀଷ୍ଠିର ସ୍ୱାଇଁ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ନବଘନ ଜେନା, କୃଷକ ନେତା ବସନ୍ତ ପରିଡା, ନରେଶ କୁମାର ଜେନା ଓ ନୃସିଂହ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପରାଧୀନ ଭାରତକୁ ସ୍ୱାଧୀନ କରିବାରେ ଗାନ୍ଧିଜୀଙ୍କ ସତ୍ୟ ଓ ଅହଂସା ଥିଲା ଅମୋଘ ଅସ୍ତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋଲକ ଚନ୍ଦ୍ର ପଲେଇ, ଯୁବ ସଙ୍ଗଠକ ପ୍ରଭୁଦତ ଜେନା, ଅଭୟ କୁମାର ରାଉତ, ପ୍ରସନ୍ନ କୁମାର ପାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

## କରୋନାକାଳୀନ ସ୍ୱତନ୍ତ୍ର ଶିଶୁଙ୍କ ଥେରାପି ସମ୍ପର୍କିତ ୱେବିନାର

କେନ୍ଦ୍ରାପଡ଼ା (ପିଏନ୍): କରୋନା ସମୟରେ ମସ୍ତିଷ୍କ ପକ୍ଷାଘାତ, ମାନସିକ ମନ୍ଥର ଓ ଅଟିଜିମ୍ ପିଡିତ ଶିଶୁମାନେ ଅନ୍ୟ ସାଧାରଣ ଶିଶୁମାନଙ୍କ ଅପେକ୍ଷା ଅସୁରକ୍ଷିତ ଥାଆନ୍ତି । ସେମାନେ ଆବଶ୍ୟକ କରୁଥିବା ପ୍ରଶିକ୍ଷଣ ଏବଂ ଥେରାପି ସେବାରୁ ବଞ୍ଚିତ ରହିବା ଫଳରେ ସେମାନଙ୍କ ବିକାଶ ବାଧାପ୍ରାପ୍ତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଭିନ୍ନକ୍ଷମ ଶିଶୁମାନଙ୍କୁ ସହାୟତା ପାଇଁ କାର୍ଯ୍ୟ କରୁଥିବା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପୁନର୍ବାସ' ପକ୍ଷରୁ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜର ଅବସରପ୍ରାପ୍ତ ବରିଷ୍ଠ ବାକ୍ ଓ ଶ୍ରବଣ ଶକ୍ତି ବିଶେଷଜ୍ଞ ନାରାୟଣ ଚନ୍ଦ୍ର ବିଶ୍ୱାଳ, ନିମାଇଁ ଚରଣ ମାନସିକ ନ୍ୟୂନତା ସଂସ୍ଥାନର ପ୍ରଧାନଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ, ଫିଜିଓଥେରାପିଷ୍ଟ ଅନିତା ବାରିକ, ଆକ୍ୟୁପେସନାଲ ଥେରାପିଷ୍ଟ ଶୁଭଶ୍ରୀ ଜେନା, ସ୍ୱାସ୍ଥ୍ୟ ବିଶେଷଜ୍ଞ ଜ୍ୟୋତି ରଞ୍ଜନ ନାୟକ ଏବଂ ମନୋଜ କୁମାର ରାଉତ ପ୍ରମୁଖ ଅଂଶଗ୍ରହଣ କରି ଘରୋଇ ଥେରାପି ପ୍ରଦାନର ବିଭିନ୍ନ ଉପାୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ସ୍ୱତନ୍ତ୍ର ଶିଶୁମାନଙ୍କ ଅଭିଭାବକ-ମାନେ ଅଂଶଗ୍ରହଣ କରି ଥେରାପିଷ୍ଟ-ମାନଙ୍କୁ ଏ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ଉତ୍ଥାପନ କରିଥିଲେ । ଏହି ୱେବିନାରକୁ ଅନୁଷ୍ଠାନର ସଂଯୋଜକ ସଞ୍ଜିବ କୁମାର ଜେନା ପରିଚାଳନା କରିଥିବାବେଳେ ସଭାପତି ଶ୍ୟାମାଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ମୃତକଙ୍କ ପରିବାରରେ ପହଂଚିଲେ କଂଗ୍ରେସ ନେତା ରାଜନାରାୟଣ ମହାପାତ୍ର



ଚଣ୍ଡିଖୋଲ(ପିଏନ୍)-ବଡ଼ଚଣାର କଂଗ୍ରେସ ନେତା କ୍ୟାପ୍‌ଟେନ୍ ରାଜନାରାୟଣ ମହାପାତ୍ର ବଡ଼ଚଣା ପଂଚାୟତ ଦେଉଳକୁର ଗ୍ରାମର ସଞ୍ଜୟ ପ୍ରଧାନଙ୍କ ପୁତ୍ର ତନ୍ମୟ (ବାବୁଲି)ର ମୃତ୍ୟୁ ଖବର ପାଇ ତାଙ୍କ ନିଜ ଘରପାଖରେ ପହଂଚି ଥିଲେ। ମୃତ ତନ୍ମୟ ପ୍ରଧାନ(୧୬), ସେ ଜଣେ ଭଲ ଛାତ୍ରଭାବେ ପରିଚିତ ଥିଲେ। ସେ ତାଙ୍କ ଛାତ୍ରମାନଙ୍କ ସହିତ ଗେଙ୍ଗୁଟି ନଦୀର ବାଇସମୌଜା ଘାଟ ଠାରେ ଗାଧୋଇବା ସମୟରେ ତାର ଶରୀର ମିଳିନଥିଲା। ସେଠାରେ ନଦୀ ଜଳରେ ମଧ ମୃତ୍ୟୁ ଘଟିଥିଲା। କ୍ୟାପ୍‌ଟେନ ମହାପାତ୍ର ତାଙ୍କର ପିତାଙ୍କୁ ସମବେଦନା ଜ୍ଞାପନ କରିଥିଲେ। କ୍ୟାପ୍‌ଟେନ୍ ମହାପାତ୍ରଙ୍କ ସହିତ ବଡ଼ଚଣା ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ନିରଞ୍ଜନ ସାହୁ, ବଡ଼ଚଣା ଗ୍ରାମପଂଚାୟତ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମାଜସେବୀ ପ୍ରଦୀପ୍ତ ପ୍ରଧାନ, ଇଂ ଭବାନୀ ପ୍ରସାଦ ବାରିକ ଓ ସ୍ୱରାଜ ପ୍ରଧାନ ପ୍ରମୁଖ ସେଠାକୁ ଯାଇ ଶାରୀରିକ ଅସୁସ୍ଥତା ଥିବା ଅଶୋକ ଦାଶଙ୍କ ଘରପାଖକୁ ଯାଇ ଆଶୁ ଆରୋଗ୍ୟ କାମନା କରିଥିଲେ। ପରେ ଦେଉଳକୁର ଗ୍ରାମର ଗୋସେଇଁ ତଥା ସମିତି ସଭ୍ୟ ରବୀନ୍ଦ୍ରନାଥ ଦାଶଙ୍କ ପାଖରେ ପହଂଚି ତାଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ ଓ ସେହି ଗ୍ରାମର ବରିଷ୍ଠ ଶିକ୍ଷାବିତ୍ ସ୍ୱର୍ଗତଃ ବିଷ୍ଣୁଚରଣ ପ୍ରଧାନଙ୍କ ବାସଗୃହରେ ପହଁଚି ତାଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ପିସିସି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ



ଭୁବନେଶ୍ୱର (ପିଏନ୍)-ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ମହାପ୍ରୟାଣ ଦିବସ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ଚନ୍ଦ୍ରଶେଖରପୁର ନାଲକୋ ଛକସ୍ଥିତ ମହାତ୍ମା ଗାନ୍ଧୀ ପାର୍କରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାଲିଆସାହିର ୧୬ ନଂ ଜୋନର ଗରିବ ବସ୍ତିବାସିନ୍ଦାଙ୍କୁ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସଂପାଦକ ଶ୍ରୀ ଚିନ୍ମୟ ସୁନ୍ଦର ଦାସଙ୍କ ନେତୃତ୍ୱରେ ଜୟଦେବ ଜେନା, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଯଜ୍ଞେଶ୍ୱର ବାବୁ, କିଶୋର ଜେନା, ମନୋରଂଜନ ଦାଶ, ଦେବୀପ୍ରସାଦ ବାହାଲିଆଙ୍କ ଦ୍ୱାରା ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା। ପରେ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ନେତାଗଣ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଉଭୟ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ପ୍ରସାଦ ହରିଚନ୍ଦନ, ହଳଧର ସେଠୀ, ରଜନୀ ମହାଁ, ୟାସିର ନୱାଜ, ବିସ୍ମୟ ମହାପାତ୍ର, ଲୋକନାଥ ମହାରଥି, ପ୍ରକାଶ ମିଶ୍ର, ସଂକୁନା କହଁର, ଉମେଶ ଦାଶ, ନାରିନେତ୍ରୀ ସାଇନା ବିବି, ସଂଜୟ ମିଶ୍ର, ଜ୍ୟୋତିଷ ସାହୁ, ମୁନି ଥାପ୍ପା, ଖଗେଶ୍ୱର ମଲ୍ଲିକ, ସୁଶାଂ ମହାରଣା, ତ୍ରିନାଥ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ତପନ କୁମାର ପତି କାର୍ଯ୍ୟ ନିବୃତ୍ତ ହୋଇଛନ୍ତି । ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିବା ପାଇଁ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଷ୍ଟାଫ ଆସୋସିଏସନ ପକ୍ଷରୁ ସଭାପତି ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଓ ପରିଚାଳନା ସମିତି ସଦସ୍ୟ ଅଧ୍ୟାପକ ଅଜୟ କୁମାର ସାମଲ ଯୋଗଦେଇ ଶ୍ରୀ ପତିଙ୍କ ମହାବିଦ୍ୟାଳୟ ପାଇଁ ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଷ୍ଟାଫ ଆସୋସିଏସନ ସମ୍ପାଦକ ଅଧ୍ୟାପକ ରଞ୍ଜିତ କୁମାର ଦାସ ସଭାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉତ୍ସବରେ ପ୍ରାଧ୍ୟାପକ ଡଃ. ଦେବେନ୍ଦ୍ର ନାଥ ଗୋଚ୍ଛାୟତ, ଡଃ. ପ୍ରମୋଦ କୁମାର ଦାସ, ପ୍ରଫେସର ରାମଚନ୍ଦ୍ର ପାତ୍ର, ରମାନାଥ ମହାନ୍ତି, ତୁଷାରକାନ୍ତି ଭୂୟାଁ, ପ୍ରଶାନ୍ତ କୁମାର ସାହୁ, ଡଃ. ସୁଚିସ୍ମିତା ବେହେରା, ସାଇନାଜ ଖାତୁନ, ଆନନ୍ଦ କୁମାର ନାୟକ, ମାନସୀ ମଞ୍ଜରୀ ଜେନା ପ୍ରମୁଖ ଏହି ପ୍ରସଙ୍ଗରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ । ଏହି ସଭାରେ ପ୍ରାଧ୍ୟାପକ ଡଃ. ସଞ୍ଜୀବ କୁମାର ମହାନ୍ତି, ଡଃ. ଜ୍ଞାନୀନ୍ଦ୍ର ଦାଶ, ଡଃ. ପ୍ରଭାକର ମଲ୍ଲିକ, ଡଃ. ଗୌର ପ୍ରସାଦ ଷଡଙ୍ଗୀ, ଅଶୋକ କୁମାର ଦାସ, ଡଃ. ସୁଷମା ଶତପଥୀ, ଡଃ. ରତ୍ନମଞ୍ଜରୀ ଦାଶ, ବାଣିଜ୍ୟ ବିଭାଗ ମୁଖ୍ୟ ଜ୍ଞାନ ରଞ୍ଜନ ଦାସ, ସୁରେଶ ଚନ୍ଦ୍ର ଦାଶ, ପ୍ରମୋଦ କୁମାର ବେହେରା, ରଞ୍ଜନ କୁମାର ସାମଲଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ କୋଭିଡ ନିୟମ ଅନୁପାଳନ ପୂର୍ବକ ଉପସ୍ଥିତ ଥିଲେ । ପ୍ରଧ୍ୟାପକ ଶ୍ରୀ ପତି ସମ୍ବର୍ଦ୍ଧନାର ଉତ୍ତରରେ କହିଥିଲେ ଯେ ଏହି ମହାବିଦ୍ୟାଳୟ ତାଙ୍କପାଇଁ ମାଟିର ସ୍ୱର୍ଗ । ତାଙ୍କ ବୌଦ୍ଧିକ, ଆତ୍ମିକ ଓ ଆଧ୍ୟାତ୍ମିକ ବିକାଶର ଉତ୍ସ। ଏଥିପାଇଁ ଏହି ମହାବିଦ୍ୟାଳୟ ନିକଟରେ ସେ ଚିରଋଣୀ। ଶେଷରେ ସହସମ୍ପାଦକ ଡଃ. ଦେବକାନ୍ତ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦ୍ରାପଡା ସହର ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ଯୋଗାଣ ଦାବିରେ ବସ୍ତିବାସୀଙ୍କ ଏକତାମଞ୍ଚ ପକ୍ଷରୁ ଗଣବିକ୍ଷୋଭ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ସାହିବସ୍ତିର ଭୂମିହୀନ ବସ୍ତିବାସୀନ୍ଦାଙ୍କୁ ଜମିପଟ୍ଟା ଯୋଗାଇ ଦେବା ଦାବିରେ ଓଡିଶା ବସ୍ତିବାସୀଙ୍କ ଏକତା ମଞ୍ଚ ପକ୍ଷରୁ ପୌରସଂସ୍ଥା କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏକତା ମଞ୍ଚ ପକ୍ଷରୁ ସହରର ଚଉଁରୀ ବ୍ରହ୍ମପୁରଠାରୁ ଶତାଧିକ ପୁରୁଷ ଓ ମହିଳାମାନେ ଏକ ଶୋଭାଯାତ୍ରାରେ ବାହାରି ପ୍ରଥମେ କେନ୍ଦ୍ରାପଡା ପୌରସଂସ୍ଥା କାର୍ଯ୍ୟାଳୟ ନିକଟରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପୌରନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ଏକ ତିନି ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ କେନ୍ଦ୍ରାପଡା ସହରର ଚଉଁରୀ ବ୍ରହ୍ମପୁର, ମାଧପୁର, ସାନ୍ତସାହି, ମୁସଲିମ ବସ୍ତି, ଗୁଲନଗର ଗ୍ରାମ ପ୍ରଭୃତିରେ ଥିବା ବସ୍ତିଗୁଡିକରେ ଥରବା ଭୂମିହୀନ ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଜମି ପଟ୍ଟା ଯୋଗାଇ ଦେବା ସହ ଆବାସ ଯୋଜନାରେ ଗୃହ ଯୋଗାଇଦେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରାଇବା ପ୍ରଭୃତି ଦାବି ରହିଛି। ଏହାପରେ ସେହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ସହକାରୀ ଜିଲ୍ଲାପାଳ ନମିତା ବାରିକଙ୍କୁ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗତବର୍ଷ ଜାନୁଆରୀ ମାସ ୪ତାରିଖରେ ରାଜ୍ୟ ସରକାର ଘୋଷଣା ଅନୁଯାଇ ବାସହୀନ ବସ୍ତିବାସୀନ୍ଦାଙ୍କୁ ଜମିପଟ୍ଟା ଓ ବାସଗୃହ ଯୋଗାଇଦେବା ପାଇଁ ସେମାନେ ପୌରନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ପୌରନିର୍ବାହୀ ଅଧିକାରୀ ଆସନ୍ତା ୩ମାସ ମଧ୍ୟରେ ଜମି ଚିହ୍ନଟକରି ରାଜ୍ୟ ସରକାରଙ୍କ ଆଇନ ଅନୁଯାୟୀ ଭୂମିହୀନ ବସ୍ତିବାସୀନ୍ଦାଙ୍କୁ ଥଇଥାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏକତାମଞ୍ଚର ରାଜ୍ୟ ସଭାପତି ସେଖ୍ ଅବଦୁଲ୍ଲାଙ୍କ ନେତୃତ୍ୱରେ ସମ୍ପାଦକ ଆଇନଜୀବୀ ହେମେନ୍ଦ୍ର ସାମଲ, କେନ୍ଦ୍ରାପଡା ସଭାପତି ପ୍ରଭାକର ନାୟକ, ପପୁ ନାଏକ, ମୀରା ନାଏକ, ଗୋଲାମ ବାରିକ, ଗୌରୀ ନାଏକ, ହୀରା ନାଏକ, ମାନିନୀ ନାଏକ, ଯଶୋଦା ନାଏକ, ବିକାଶ ନାଏକ, ମାନସ ବାରିକ, ଓଷି ସେଠୀ ପ୍ରମୁଖ ଶତାଧିକ ପୁରୁଷ ଓ ମହିଳା ବସ୍ତିବାସୀନ୍ଦା ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## କଲେଜଛାତ୍ରଙ୍କ କିଡନୀ ନଷ୍ଟ, ସହାୟତା ପାଇଁ ନିବେଦନ



କେନ୍ଦ୍ରାପଡା (ପିଏନ୍) : କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଜଣେ ଛାତ୍ରଙ୍କ ୨ଟି କିଡନୀ ନଷ୍ଟ ହୋଇଯାଇଛି। ଛାତ୍ର ଜଣଙ୍କ ହେଉଛନ୍ତି +୩ ବାଣିଜ୍ୟ ବିଭାଗର ୨ୟବର୍ଷ ଛାତ୍ର ଚିନ୍ମୟ ଜେନା। କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଲୋକନାଥପୁର ଗ୍ରାମର ପ୍ରଦିପ କୁମାର ଜେନା ଓ ଗୀତାଞ୍ଜଳି ଜେନାଙ୍କ ପୁଅ ହେଉଛନ୍ତି ଚିନ୍ମୟ। ନିକଟରେ ତାଙ୍କ ଦେହ ହଠାତ ଅସୁସ୍ଥ ହୋଇପଡିଲା। ପରିବାର ପକ୍ଷରୁ ତାଙ୍କୁ ନେଇ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ପରୀକ୍ଷା କରି କହିଲେ ଚିନ୍ମୟଙ୍କ ଦୁଇଟିଯାକ କିଡନୀ ନଷ୍ଟ ହୋଇଯାଇଛି। ତାଙ୍କ ଚିକିତ୍ସା ପାଇଁ ୧୨ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ହେଲେ ଚିନ୍ମୟଙ୍କ ବାପା ଆର୍ଥିକ ଭାବରେ ସ୍ୱଚ୍ଛଳ ନୁହନ୍ତି। ତେଣୁ ତାଙ୍କ ପୁଅର ଚିକିତ୍ସା ପାଇଁ ସେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ସହୃଦୟ ବ୍ୟକ୍ତିଙ୍କ ସହାୟତା ଲୋଡିଛନ୍ତି। ଚିନ୍ମୟଙ୍କ ଚିକିତ୍ସା ପାଇଁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ କଲେଜର ସହପାଠୀ ଛାତ୍ର-ଛାତ୍ରୀମାନେ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି। ଏଥିସହିତ କୌଣସି ସହୃଦୟ ବ୍ୟକ୍ତି ମୋବାଇଲ ନମ୍ବର ୯୯୩୭୬୫୬୪୧୬ ଯୋଗେ ଫୋନ ପେ ମାଧ୍ୟମରେ ମଧ୍ୟ ସହାୟତା ପ୍ରଦାନ କରିବାକୁ ନିବେଦନ କରାଯାଇଛି।

## ପ୍ରବଚକ ରାଧାମୋହନଙ୍କ ସ୍ମୃତିସଭା




ଖୋର୍ଦ୍ଧା (ପିଏନ୍)-ଅବସରପ୍ରାପ୍ତ ଶିକ୍ଷକ ତଥା ପ୍ରବଚକ ରାଧାମୋହନ ସୁବୁଦ୍ଧିଙ୍କ ବିୟୋଗରେ ଏକ ସ୍ମୃତିସଭା ନୀଳାଚଳ ସତସଂଘ ପକ୍ଷରୁ ବେଗୁନିଆସ୍ଥିତ ରାଧା-ବିନୋଦିନୀ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ନୀଳାଚଳ ସତସଂଘର ଖୋର୍ଦ୍ଧା ସହର, ଗୋଡ଼ା, ଡ଼ିଙ୍ଗର, ଟିକାତାଳ, ଧାନଘର ନୂଆଗାଁ, କଣ୍ଟାବାଡ଼, ପଣ୍ଡାଳମ, ବାଘମାରି ଆଦି ଖୋର୍ଦ୍ଧା ଓ ନୟାଗଡ଼ ଉପଖଣ୍ଡର ବିଭିନ୍ନ ଶାଖା ପକ୍ଷରୁ ଆୟୋଜିତ ମିଳିତ କାର୍ଯ୍ୟକ୍ରମରେ ବାବା ଭାଗବତାନନ୍ଦଜୀ ପୁରୀ ମହାରାଜ ଅଧ୍ୟକ୍ଷତା କରିଥିଲେ। ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଶିକ୍ଷାବିତ୍ ବୀରବର ପଣ୍ଡା ଅତିଥି ଭାବେ ଯୋଗଦେଇ ସ୍ୱର୍ଗତଃ ସୁବୁଦ୍ଧିଙ୍କ ବହୁମୁଖୀ ଗୁଣାବଳୀର ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସୁବୁଦ୍ଧି ଡିଙ୍ଗର ଗ୍ରାମର ସୁଯୋଗ୍ୟ ସନ୍ତାନ ଥିଲେ। ଦୀର୍ଘବର୍ଷ ଧରି ନାରାୟଣୀପଡ଼ା ମଧ୍ୟଇଂରାଜୀ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି ୫ ବର୍ଷ ତଳେ ଅବସର ନେଇଥିଲେ। ଏହାପରେ ଆଧ୍ୟାତ୍ମିକ ତଥା ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ। ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଗଙ୍ଗାଧର ଓଝା, ଦିଲ୍ଲୀପ କୁମାର ସାହୁ, ତ୍ରିଲୋଚନ ପଣ୍ଡା, ରାମଚନ୍ଦ୍ର ସାହୁ, ଯୋଜନୀବାଳା ପଣ୍ଡା, ଶାନ୍ତିଲତା ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା, ଅଶୋକ କୁମାର ସାହୁ, ସୁମନ୍ତ ଛୋଟରାୟ, ପ୍ରଦୀପ ମଙ୍ଗରାଜ ଓ ପ୍ରସନ୍ନ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇ ପ୍ରବଚକ ରାଧାମୋହନଙ୍କୁ ଜଣେ ଆଦର୍ଶ ଶିକ୍ଷକ ତଥା ସମାଜ ସଂସ୍କାରକ ଭାବେ ସ୍ମରଣ କରିଥିଲେ । ତାଙ୍କ ବିୟୋଗରେ ଖୋର୍ଦ୍ଧା ଉପଖଣ୍ଡ ଜଣେ ଭଲ ମଣିଷଙ୍କୁ ହରାଇଲା ବୋଲି ମତ ପ୍ରକାଶ ପାଇଥିଲା । ସ୍ୱର୍ଗତ ରାଧାମୋହନଙ୍କ ସହଧର୍ମିଣୀ ବିନୋଦିନୀ ଦେବୀ ଓ ପୁତ୍ର ସନ୍ତୋଷୀ ପ୍ରସାଦ ସୁବୁଦ୍ଧି ଏହି ସତସଂଗରେ ଉପସ୍ଥିତ ଥିଲେ।

## ଭାଇସାହି କାନ୍ଧ ନଦେବା ବେଳେ ସମାଜସେବୀଙ୍କ ଦ୍ୱାରା ଶବ ସଂସ୍କାର

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ବଡମଙ୍ଗଳା ଗ୍ରାମର ଶ୍ରୀବଳଦେବଜୀଉଙ୍କ ସେବାୟତ ବାଇନ କରଙ୍କର ୫୫ ବର୍ଷ ବୟସରେ ବିୟୋଗ ହୋଇଯାଇଥିଲା। ଜମିବାଡି ଭାଗବଣ୍ଟାକୁ ନେଇ ଭାଇ-ଭାଇ ମଧ୍ୟରେ କଳିଝଗଡା ଲାଗିରହିଥିଲା। ଫଳରେ ବାଇନ ନିଜ ଘର ଛାଡି ବଡମଙ୍ଗଳା ଗ୍ରାମରେ ରହୁଥିଲେ। ୨୪ଘଣ୍ଟା ଧରି ଘରେ ତାଙ୍କ ଶବ ପଡିରହିଥିବା ବେଳେ କୌଣସି ଭାଇସାହି ସେଠାରେ ନପହଞ୍ଚିବାର ଖବର ପାଇ ସମାଜସେବୀ ଦମନ ମହାନ୍ତି ସେଠାରେ ପହଞ୍ଚିଥିଲେ। ଅନ୍ୟମାନଙ୍କୁ ସେ ଡାକି ମୃତ ବାଇନଙ୍କ ଶବକୁ ଚାରିକାନ୍ଧ ଦେଇ ନିକଟସ୍ଥ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଇଥିଲେ। ଏହି ଘଟଣା ପ୍ରଚାର ହେବା ପରେ ସମାଜସେବୀ ଶ୍ରୀ ମହାନ୍ତିଙ୍କୁ ପ୍ରଶଂସାର ସୁଅ ଛୁଟିଛି।

## ସାମ୍ବାଦିକ ରୋହିତ ବିଶ୍ୱାଳଙ୍କୁ ଶ୍ରଦ୍ଧାଂଜଳି

ଧର୍ମଶାଳା (ପିଏନ୍): ଖବର ସଂଗ୍ରହ କରିବାକୁ ଯାଇ କଳାହାଣ୍ଡି ଜିଲ୍ଲା ମ ରାମପୁର ବ୍ଲକ ମୋହନଗିରି ଅଂଚଳର ସାମ୍ବାଦିକ ରୋହିତ ବିଶ୍ୱାଳ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଅକାଳ ମୃତ୍ୟୁକୁ ନେଇ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ତାଙ୍କ ଅକାଳ ବିୟୋଗରେ ଧର୍ମଶାଳା ପ୍ରେସ କ୍ଲବର ଉପଦେଷ୍ଟା ବଟକୃଷ୍ଣ ପରିଡା, ଇନ୍ଦ୍ରମଣି ନାୟକ, ସଭାପତି ରମାକାନ୍ତ ଜେନା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସମ୍ପାଦକ ଅବିନେଶ୍ୱର ଶତପଥୀ, ସହ ସମ୍ପାଦକ ମାନସ ରଂଜନ ଜେନା ପ୍ରମୁଖ ଗଭିର ଶୋକ ବ୍ୟକ୍ତ କରିବା ସହ ତାଙ୍କ ଆତ୍ମାର ସଦଗତି କାମନା କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି ।




# ଶାଳଝରିଆ ପଂଚାୟତରେ ଦୁର୍ନୀତି ବିରୋଧୀଙ୍କ ମୁଖ୍ୟ ପ୍ରସଙ୍ଗ

ଖଣ୍ଡପଡା, (ନି.ପ୍ର) : ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଖଣ୍ଡପଡା ବ୍ଲକର ଶାଳଝରିଆ ପଂଚାୟତରେ ରାଜନୈତିକ ବାତାବରଣ ବେଳକୁବେଳ ଉଷ୍ମ ହେବାରେ ଲାଗିଛି । ୧୧ ଗୋଟି ଓ୍ୱାର୍ଡକୁ ନେଇ ଗଠିତ ଶାଳଝରିଆ ପଂଚାୟତର ଭୋଟର ସଂଖ୍ୟା ସର୍ବମୋଟ ୧୯୩୮ ବୋଲି ଜଣାପଡିଛି । ସରପଂଚ ପଦବୀ ଅସଂରକ୍ଷିତ ଓ ସମିତିସଭ୍ୟ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ସରପଂଚ ପଦବୀ ପାଇଁ ୪ଜଣ ଓ ସମିତି ସଭ୍ୟ ପାଇଁ ୬ଜଣ ପ୍ରାର୍ଥୀ/ପ୍ରାର୍ଥୀନି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସରପଂଚ ପଦବୀ ପାଇଁ ପୁର୍ନବାର ସରପଂଚ ସ୍ନେହଲତା ନାୟକ, ପୂର୍ବତନ ସରପଂଚ ଦୁତିଆ ନିଶଙ୍କ, ନବାଗତ ପ୍ରଦୀପ୍ତ କୁମାର ପଣ୍ଡା, ନୀଳାଚଂଳ ପରିଡା ପ୍ରମୁଖ ନିର୍ବାଚନ ଲଢୁଥିବା ବେଳେ ସମିତିସଭ୍ୟା ପଦବୀ ପାଇଁ ସମିତିସଭ୍ୟ ଘନଶ୍ୟାମ ନାୟକଙ୍କ ପତ୍ନୀ ନିର୍ମଳା ନାୟକ, ଏଲିନା ନାୟକ, ଅନୀତା ପତି, ବାସନ୍ତୀ ପଣ୍ଡା, ବିଷ୍ଣୁପ୍ରିୟା ପ୍ରଧାନ ଓ ରୋଜାଲିନ ବାରିକ ନିର୍ବାଚନ ଲଢୁଛନ୍ତି । ଶାଳଝରିଆ ପଂଚାୟତର ସରପଂଚ ସ୍ନେହଲତାଙ୍କ କାର୍ଯ୍ୟକାଳ ସମୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଆଖିବୁଜା ଦୁର୍ନୀତି ହୋଇଥିବା ନେଇ ଚଳିତ ନିର୍ବାଚନରେ ବିରୋଧୀ ପ୍ରାର୍ଥୀମାନେ ଏହାକୁ ମୁଖ୍ୟ ପ୍ରସଙ୍ଗ କରିଛନ୍ତି । ମହିଳା ସରପଂଚଙ୍କ ସ୍ୱାମୀ ଓ୍ୱାର୍ଡ ସଭ୍ୟ/ ସଭ୍ୟାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଅଣଦେଖା କରି ନିଜେ ଠିକାଦାରୀ କାର୍ଯ୍ୟ କରି ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ଅଭିଯୋଗ ଉଠାଇ ଆଶାୟୀ ପ୍ରାର୍ଥୀ/ ପ୍ରାଥୀନିମାନେ ଭୋଟରଙ୍କୁ ଭେଟି, ଭୋଟ ଭିକ୍ଷା କରିବା ଘଟଣା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି । ଏକ ଦୁର୍ନୀତି ମୁକ୍ତ, ଆଦର୍ଶ ଶାଳଝରିଆ ପଂଚାୟତ ଗଠନର ନାରା ଦେଇ ପ୍ରଥମ କରି ନିର୍ବାଚନ ଲଢୁଥିବା ସରପଂଚ ପ୍ରାର୍ଥୀ ପ୍ରଦୀପ୍ତ, ନୀଳାଚଂଳଙ୍କ ସମେତ ନବାଗତ ସମିତିସଭ୍ୟା ପ୍ରାର୍ଥୀନିମାନେ ଭୋଟରଙ୍କୁ ଭେଟୁଥିବା ବେଳେ ପ୍ରାର୍ଥୀ/ପ୍ରାର୍ଥୀନିଙ୍କ ଯୋଗ୍ୟତା, ଦକ୍ଷତା, ବ୍ୟବହାର ଓ ଚାଲିଚଳଣକୁ ତନ୍ନତନ୍ନ କରି ପରଖୁଛନ୍ତି ଶାଳଝରିଆ ପଂଚାୟତର ସଚେତନ ଭୋଟର ଓ ବୁଦ୍ଧିଜୀବିମାନେ ।

# ଓଡିଶାରେ ଲଂଚ ହେଲା ସ୍କୋଡାର ନୂଆ ପ୍ରିମିୟମ ଲକଜୁରୀ ସେଡାନ ମଡେଲ 'ସ୍ଲାଭିଆ'





ଭୁବନେଶ୍ୱର , (ପି.ଏନ); ଲକଜୁରୀ ଓ ପ୍ରିମିୟମ କ୍ଲାସ ସହ ଲାଟେଷ୍ଟ ଟେକ୍ନୋଲୋଜି ଆଧାରିତ ନୂଆ ମଡେଲ କାର ଚଢିବାର ଲୋକଙ୍କ ରୁଚିକୁ ଦୃଷ୍ଟିରେ ରଖି ଏହି କ୍ଷେତ୍ରରେ ସବୁଠାରୁ ଲୋକପ୍ରିୟ କମ୍ପାନୀ ସ୍କୋଡା ପକ୍ଷରୁ 'ସ୍କୋଡା ସ୍ଲାଭିଆ' ନାମକ ନୂତନ ମଡେଲ ଭାରତ ବଜାରକୁ ଆସିଛି । ପ୍ରତିଥର ପରି ଏଥର ମଧ୍ୟ ସର୍ବଭାରତୀୟ ସ୍ତରରେ ଏହି ନୂଆ ମଡେଲର ଲଚିଂ ଅବସରରେ ଓଡିଶାରେ ଏଭଳି ମଡେଲ ପ୍ରତି ବଢୁଥିବା ରଚିକୁ ଦୃଷ୍ଟିରେ ରଖି ସୁନାମଧନ୍ୟ ଚଳଚ୍ଚିତ୍ର ତାରକା ନନ୍ଦିତା ଦାସ ଓ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ଅଧକ୍ଷା ଅରୁଣା ମର୍ହାଙ୍କ ଉପସ୍ଥିତିରେ ପ୍ରତାପନଗରସ୍ଥିତ 'ତ୍ରିନିତି ସ୍କୋଡା' ଭୁବନେଶ୍ୱର ପକ୍ଷରୁ 'ସ୍କାଭିଆ' ମଡେଲର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଏହି ମଡେଲର ପ୍ରି ବୁକିଂ ଆରମ୍ଭ ହୋଇଯାଇଛି । ଏହାର ଦାମ ମାର୍ଚ୍ଚ ୨୨ ତାରିଖରେ ସ୍ଥିର ହେବ । କଷ୍ଟମର ମାନଙ୍କୁ 'ତ୍ରିନିତି ସ୍କୋଡା' ସୋ ରୁମ ପରିଦର୍ଶନ କରି ଏହାର ଟେଷ୍ଟ ଡ୍ରାଇଭ୍ ଓ ଅନ୍ୟାନ୍ୟ ଫିଚର୍ସ ସମ୍ପର୍କରେ ଅବଗତ ହେବା ପାଇଁ କମ୍ପାନୀ ପକ୍ଷରୁ ଏହି ଅବସରରେ ଆୟୋଜିତ ପ୍ରେସ ମିଟ୍‌ରେ ସନ୍ଦେଶ ଦିଆଯାଇଛି । ସ୍କୋଡା ଅଟୋର ୨.୦ମିଶନର ସ୍କାଭିଆ ଦ୍ୱିତୀୟ ମଡେଲରେ ୬ଟି ସ୍ପିଡ୍ ମାନୁଆଲ ଓ ୬ଟି ସ୍ପିଡ୍ ଅଟୋମାଟିକ ଫିଚର୍ସ ସହ ମଧ୍ୟମ ଆକାରର ସେଡାନ କ୍ଲାସର ଏହି ପ୍ରିମିୟମ ଲକଜୁରୀ କ୍ଲାସ କାର ବିଶେଷ କରି ଭାରତୀୟ ରାସ୍ତାକୁ ଦୃଷ୍ଟିରେ ରଖି ନିର୍ମିତ ହୋଇଛି । ତେଣୁ ଏହା ରାଜ୍ୟର ଉପଭୋକ୍ତାମାନଙ୍କୁ ନିଶ୍ଚିତ ଭାବେ ଆରାମ ସହ ଅନେକ ସ୍ୱତନ୍ତ୍ର ସୁବିଧା ଯୋଗାଇ ପୂର୍ବପରି ସେମାନଙ୍କ ମନ ଜିଣିବ ବୋଲି ସ୍କୋଡାର ମାର୍କେଟିଂ ହେଡ ଅଶ୍ୱସ୍ଥ କହିଛନ୍ତି । 'ଶୋ-ରୁମ'ର ଓନର ଦମ୍ପତି ପରିଶେଷରେ କେକ୍ କାଟି କାର୍ଯ୍ୟକ୍ରମକୁ ଶେଷ କରିଥିଲେ ।

# ଅନେକ ସମସ୍ୟା ଭିତରେ ଢେଙ୍କିକୋଟ ପଞ୍ଚାୟତ, ଉଚିତ୍ ଜବାବ ଦେବେ ଭୋଟର

ଢେଙ୍କିକୋଟ,(ପି.ଏନ):କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ଏକ ବ୍ୟବସାୟୀକ ପେଣ୍ଠସ୍ଥଳୀ ତଥା ବ୍ୟସ୍ତବହୁଳ ମାର୍କେଟ ହୋଇଥିବା ବେଳେ ମୁଖ୍ୟତଃ ସାପ୍ତାହିକ ଶନିବାର ହାଟଟି ହେଉଛି ଜିଲ୍ଲାର ସବୁଠାରୁ ବୃହତ୍ତ ହାଟ । ତତ୍‌ସହିତ ଏହି ଢେଙ୍କିକୋଟରୁ ୨୨୦ ନଂ ଜାତୀୟ ରାଜପଥ ରାଞ୍ଚି, ଟାଟା ପରି ସହରକୁ ଏହା ସଂଯୋଗ କରୁଛି । ୨୦ ନଂ ଜାତୀୟ ରାଜପଥ ଘଟଗାଁରୁ କେନ୍ଦୁଝର ଯିବାବେଳେ ଏହା ପ୍ରମୁଖ ସ୍ଥାନ । ତେବେ ଏଠାରେ ସ୍ମରଣ କରାଯାଇପାରେ ଘଟଗାଁ ବ୍ଲକର ୨୭ଟି ପଞ୍ଚାୟତ ମଧ୍ୟରୁ ଢେଙ୍କିକୋଟ ପଞ୍ଚାୟତ ହେଉଛି ଏକ ପ୍ରମୁଖ, ଚର୍ଚ୍ଚିତ,ସମ୍ବେଦନଶୀଳ ପଂଚାୟତ । ଏହା ଚାରୋଟି ଗ୍ରାମ ଯଥା- ଲଙ୍ଗଳକଣ୍ଟି,ଟିକିରା, କପାସପଡା ଏବଂ ଢେଙ୍କିକୋଟ ଗ୍ରାମକୁ ନେଇ ଗଠିତ । ଯଦି ବିଚାର ଦୃଷ୍ଟିକୁ ନିଆଯାଏ ଆଖପାଖ ୨୦ଖଣ୍ଡ ଗ୍ରାମର ଲୋକମାନେ ଦୈନିକ ତେଲ ଲୁଣ ସଂସାର ପାଇଁ ଏହି ଢେଙ୍କିକୋଟ ବଜାର ଉପରେ ନିର୍ଭରଶୀଳ । ତେବେ ଏହି ଢେଙ୍କିକୋଟ ପରି ଏକ ବ୍ୟସ୍ତବହୁଳ ଗ୍ରାମ ପଂଚାୟତରେ ଅନେକ ସମସ୍ୟା ଦୀର୍ଘଦିନରୁ ମୁଣ୍ଡ ଟେକି ରହିଛି । ନା ଅଛି ସମାଧାନ ବାଟ ନା ଅଛି କିଛି ପ୍ରତିକାର । ମୁଖ୍ୟତଃ ପାନୀୟ ଜଳ ସମସ୍ୟା ବର୍ଷ ସାରା ଲାଗି ରହିଛି । ଢେଙ୍କିକୋଟ ମାର୍କେଟ୍ ସଂଲଗ୍ନ ମୁସଲିମ ସାହି, ଦଳେଇ ସାହି ଓ ଟିକିରା ସୀମା ସଂଲଗ୍ନ ବସବାସ କରୁଥିବା ଲୋକମାନେ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମାର୍କେଟ୍‌ରେ ଷ୍ଟ୍ରିଟ୍ ଲାଇଟ୍‌ର ଅଭାବ ଯୋଗୁଁ ଚୋରୀ ଉପଦ୍ରବ ବୃଦ୍ଧି ପାଉଛି । ଢେଙ୍କିକୋଟ ମାର୍କେଟ୍ ତଥା ବାହାର ଲୋକମାନେ ନିର୍ଭର କରୁଥିବା ହାଟପୋଖରୀ ଅତି ଦୟନୀୟ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାଁନ୍ତି । ଏଣୁ ଲୋକ ମାନଙ୍କ ସମସ୍ୟା କଥା ନକହିବା ଭଲ । ପଶୁ ଡାକ୍ତରଖାନାରେ ଡାକ୍ତର ନାହିଁ, ଶବଦାହ ପାଇଁ ସାଧାରଣ ଶ୍ମଶାନଟିଏ ନାହିଁ କି ଭଲମନ୍ଦ କାର୍ଯ୍ୟ କରିବା ପାଇଁ କଲ୍ୟାଣ ମଣ୍ଡପଟିଏ ନାହିଁ । ଅନେକ ଅସହାୟ, ବିଧବା, ବୃଦ୍ଧ, ବୃଦ୍ଧାମାନେ ଭତ୍ତା ପାଇବାରୁ ବଂଚିତ ହେଉଥିବା ବେଳେ ଅନେକ ଲୋକଙ୍କର ମୁଣ୍ଡ ଗୁଞ୍ଜିବାକୁ ବାସସ୍ଥାନଟିଏ ମଧ୍ୟ ନାହିଁ । ଏହିସବୁ ସମସ୍ୟା ଦିନକୁ ଦିନ ବଢି ଚାଲିଛି । ଆଗକୁ ଆଉ କିଛିଦିନ ପରେ ପଂଚାୟତ ନିର୍ବାଚନ । ଏହି ପଂଚାୟତରୁ ସରପଂଚ ପ୍ରାର୍ଥୀ ଭାବେ ୭ଜଣ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ସମସ୍ତେ ନିଜ ନିଜର ରଣକୌଶଳ ଜାରି ରଖିଛନ୍ତି । ପ୍ରଚାର, ପ୍ରସାର ବଢୁଛି । ଭୋଟର ମାନଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ପ୍ରତିଶ୍ରୁତି ସହିତ ପୋଷ୍ଟର, ବ୍ୟାନର ଝୁଲୁଛି । ଅର୍ଥ ବଳ, ବାହୁ ବଳ, ଲୋକ ବଳର ପ୍ରୟୋଗ ମଧ୍ୟ ହେଉଛି । ତେବେ ଭୋଟରମାନେ ନିଜ ମନକୁ ସ୍ଥିର କରି ନିଷ୍ପତ୍ତି ନେବାକୁ ବାହାରିଛନ୍ତି ।

# ପ୍ରଗତି, ପ୍ରଚାର ଓ ପଂଚାୟତ



ଡ଼ି ଶୁଭମ୍

ନିର୍ବାଚନର ଘଡ଼ିସନ୍ଧି ମୂହୁର୍ତ୍ତ ଉପନୀତ। ସମୟ ଆସିଛି ନିଜ ଉପଯୁକ୍ତ ପାର୍ଥୀକୁ ଚୟନ କରିବାର ସମୟ। ଏ ନିର୍ବାଚନ ରଣାଙ୍ଗନର ସେନାପତି ବି ଜନତା ଆଉ ସାରଥୀ ବି ଜନତା। ତେବେ ଏସବୁ ଭିତରେ ଜନତାଙ୍କୁ ଦୃଷ୍ଟିଦେବାକୁ ପଡ଼ିବ ଯେ ଏ ନିର୍ବାଚନରେ ଯେପରି ଏକ ସ୍ୱଚ୍ଛ ଓ ଲୋକାଭିମୁଖୀ ପ୍ରତିନିଧି ଚୟନ କରିବାକୁ ପଡ଼ିବ। କେବଳ ଭୋଟ ପାଇଁ ପ୍ରଚାର କରି ବସିଗଲେ ହେବନି ବରଂ ସବୁସମୟରେ ଲୋକଙ୍କ ପାଇଁ କାମ କରିବାର ଅହେତୁକ ସ୍ପୃହା ଦେଖାଯିବା ଆବଶ୍ୟକ। ଗଣତନ୍ତ୍ରରେ ନିର୍ବାଚନ ଏକ ନୂଆ କଥା ନୁହଁ। ନିର୍ବାଚନ ସବୁବେଳେ ଗଣ ମାନଙ୍କର ଭୂମିକାକୁ ସମ୍ମାନ ଦେଇଥାଏ। ପରନ୍ତୁ ଆଜିର ଗଣତନ୍ତ୍ର ଏକ ବଂଶବାଦ ରାଜନୀତିରେ ପରିଣତ ହୋଇଗଲାଣି। ବୁଝିହୁଏନି ଏ ନିର୍ବାଚନ ରଣାଙ୍ଗନରେ ବାପା ପାସ୍ ମାନେ ତାର ପରେପରେ ପୁଅ ବି ଠିଆ ହେବା କଣ ବାଧ ନା ସେ ନିର୍ବାଚନମଣ୍ଡଳୀରେ ଆଉ କେହି ଉପଯୁକ୍ତ ପାର୍ଥୀ ନାହାନ୍ତି। ନା ଏହା କେବଳ ବାହୁ ବଳ ଓ କ୍ଷମତା ବଳର ପରିଣତି। ସବୁ ଦଳ ଏବେ ନିର୍ବାଚନୀ ଇସ୍ତାହାର ପ୍ରକାଶ କରିବାରେ ବ୍ୟସ୍ତ। ନିଜ ନୂଆ ରଣନୀତି ସହ ସମସ୍ତେ ମୈଦାନକୁ ଓହ୍ଲାଇବାରେ ପ୍ରସ୍ତୁତ। ସମୟ ଆସିଛି ପରିବର୍ତ୍ତନର । ଓଡ଼ିଶାର ଲୋକଙ୍କ ପାଇଁ ଏହା ଏକ ସମୀକ୍ଷାର ବିଷୟ। ପଂଚାୟତ ନିର୍ବାଚନ ଏବେ ମୁଣ୍ଡ ଉପରେ। ସବୁଦଳ ଏବେ ବିଭିନ୍ନ ଘୋଷଣାମାନ ବି ଆରମ୍ଭ କରିଦେଲେଣି। କିଏ କିପରି ଜନତାଙ୍କ ମନ ଜିଣି ପାରିବ ତାକୁ ନେଇ ଚାଲିଲାଣି କସରତ। ଏ ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ଯେତେ କଷ୍ଟ ସ୍ୱୀକାର କରିବାକୁ ଏବେ ନେତାଏଁ ପ୍ରସ୍ତୁତ। ତେବେ ଦେଖିବାର ସମୟ ଏ କଳାକୌଶଳ ସାଥ୍ ଦେଉଛି ତ ? ନା ପ୍ରତିଶ୍ରୁତି ସବୁ ପାଣିରେ ଯିବ। ଏକଥା କେବଳ ନିର୍ବାଚନ ଫଳାଫଳ ହିଁ କହିବ। ନିର୍ବାଚନ ପୂର୍ବରୁ ଯେଉଁ ଲୋକର ଥରୁଟିଏ ବି ଦେଖା ନଥିଲା ଏବେ ସବୁ ସମୟରେ ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା ଚାଲିଛି। ସମୟ କହିବ ଏସବୁ କେତେ ଦିନର ନାଟକ। ଦଳ ନୁହେଁ ପ୍ରତନିଧି ବାଛିବା ଏହାକୁ ମର୍ମେମର୍ମେ ଅନୁଭବ କରିବା ଆବଶ୍ୟକ। କେବଳ ବାଇକ ରାଲି କି ଭାଷଣବାଜିରେ ନୁହଁ ବରଂ ଯିଏ ଲୋକଙ୍କ ପାଇଁ କାମ କରିଛି , ଜନତାଙ୍କ ସାଥିରେ ରହିଛି , ସେମିତି ପ୍ରତିନିଧିକୁ ଚୟନ କରିବା ଆବଶ୍ୟକ। ବାକ୍‌ବୀର ନୁହେଁ , ବରଂ ଜଣେ କାମ କରୁଥିବା ଲୋକ ଓଡ଼ିଶା ପାଇଁ ଆବଶ୍ୟକ। ନେତା ଓ ଜନତା ପରସ୍ପରର ପରିପୂରକ। ଜନତାଙ୍କର ସୁଖଦୁଃଖର ସାଥୀ ନେତା। ନିର୍ବାଚନ ପାଂଚ ବର୍ଷ ପାଇଁ ହୁଏ, ଏହା ସତ କିନ୍ତୁ ସଭିଏଁଙ୍କୁ ମନେ ରଖିବାକୁ ହେବ ଯେ ଜନତାର ଏକ ଆଶାବାଡ଼ିର ଭୂମିକା ନେଇଥାନ୍ତି ନେତା। ଏ ନିର୍ବାଚନ ରଣାଙ୍ଗନର ସେନାପତି ବି ଜନତା ଆଉ ସାରଥୀ ବି ଜନତା। ତେବେ ଏସବୁ ଭିତରେ ଜନତାଙ୍କୁ ଦୃଷ୍ଟିଦେବାକୁ ପଡ଼ିବ ଯେ ଏ ନିର୍ବାଚନରେ ଯେପରି ଏକ ସ୍ୱଚ୍ଛ ଓ ଲୋକାଭିମୁଖୀ ପ୍ରତିନିଧି ଚୟନ କରିବାକୁ ପଡ଼ିବ। କେବଳ ଭୋଟ ପାଇଁ ପ୍ରଚାର କରି ବସିଗଲେ ହେବନି ବରଂ ସବୁସମୟରେ ଲୋକଙ୍କ ପାଇଁ କାମ କରିବାର ଅହେତୁକ ସ୍ପୃହା ଦେଖାଯିବା ଆବଶ୍ୟକ। ଏବେ ତ ନିଜ ରାଜନୈତିକ କ୍ୟାରିଅରରେ କିଏ କଣ ସଫଳତା ଲାଭ କରିଛି ସେସବୁକୁ ଜନତାଙ୍କ ପାଖରେ ବଖାଣିବାରେ ବ୍ୟସ୍ତ ଆଶାୟୀ ପ୍ରାର୍ଥୀ। ଏସବୁ ମଧ୍ୟରେ ଏବେ ଦଳଡ଼ିଆଁ ରୋଗ ଏକ ପ୍ରମୁଖ ନଜିର ରୂପେ ଉଭା ହେଲାଣି। କିଏ ଶାସକ ଦଳରେ , କିଏ ବିରୋଧୀ ଦଳରେ - ସବୁ ଏବେ ମିଶ୍ରଣ ପର୍ବର ଆୟୋଜନ କଲେଣି। ଯାହା ଲାଗୁଛି ଏଥରର ନିର୍ବାଚନ ଜଟିଳ ରୂପ ଧାରଣ କରିବାକୁ ଯାଉଛି। ଏବେଠୁ ଚାଲିଲାଣି ଜୋରଦାର ଅଙ୍କକଷା। କିଏ ହେବ ଲୋକଙ୍କର ପ୍ରିୟ ଜନନେତା ? ଏସବୁକୁ ନେଇ ଚାଲିଲାଣି ତର୍କବିତର୍କ। ଭୋଟର ମାନେ ବି ଏବେ ସଜବାଜ ହେଲଣି ନିଜ ପ୍ରିୟ ପ୍ରତିନିଧିଙ୍କୁ ମାନଙ୍କୁ ଚୟନ କରିବାକୁ। ଦୀର୍ଘ ପାଂଚ ବର୍ଷ ପରେ ପୁଣି କିଏ ଗାଁରେ ସ୍ୱଚ୍ଛ ଶାସନ ଗଢ଼ିତୋଳିବ ତାକୁ ନେଇ ଚାଲୁଛି ତର୍କ। ଏପଟେ ସରକାରରେ ଥିବା ବିଜେଡ଼ି ଠୁ ଆରମ୍ଭ କରି ବିରୋଧି ବିଜେପି ଓ କଂଗ୍ରେସ ବି ସଜବାଜ ହେଲେଣି। ସଭିଏଁ ନିଜ ଯୋଜନାକୁ ଶତ ପ୍ରତିଶତ ଲୋକଙ୍କ ପାଖରେ ପହଂଚେଇବାକୁ ଉଦ୍ୟମ ଚଲାଇଛନ୍ତି । ଜନତା ମାନଙ୍କୁ ମନେ ରଖିବାକୁ ହେବ ଯେ ଏ ନିର୍ବାଚନ କେବଳ ଭୋଟ ଦେଇଦେଲେ ସରିଯାଏନି ବରଂ ଏହା ପୁଣି ଦୀର୍ଘ ୫ ବର୍ଷ ପାଇଁ ସେମାନଙ୍କୁ ସୁରକ୍ଷା ଯୋଗାଇବ। ତେଣୁ ଏମିତି ଏକ ଜନପ୍ରିତିନିଧି ବାଛିବାକୁ ପଡ଼ିବ ଯିଏ ଲୋକଙ୍କୁ ସୁରକ୍ଷା ଯୋଗାଇପାରୁଥିବ। ମିଠାମିଠା କଥା କହି କେଇ ଦିନ ଲୋକଙ୍କ ମନ ଜିଣିନେଲେ ଆଉ କେଇଖଣ୍ଡ ଭୋଟ ପାଇ ଜିତିଗଲେ ନେତାଙ୍କର କାମ ସରିଯାଏନି। ଲୋକଙ୍କର ରକ୍ଷାକବଚ ସାଜିବାକୁ ପଡ଼ିବ। ଏ ନିରାଟ ସତ୍ୟକୁ ସ୍ୱୀକାର କରିବାକୁ ହେବ। ତେବେ ନିର୍ବାଚନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜାଣିବା ଓ ଜିଣିବା। ପ୍ରଜାତନ୍ତ୍ରକୁ ସମ୍ମାନ ଦେବା ହିଁ ଲକ୍ଷ୍ୟ ହେବା ଆବଶ୍ୟକ। ଗଣତନ୍ତ୍ରର ଉପଯୁକ୍ତ ମାନ ରଖିବା ବିଧେୟ । କେବଳ ଭୋଟ ପାଇଁ କେଇ ଦିନ ପ୍ରଚାର କରିଦେଲେ ନେତାର କାମ ସରିଯାଏନି ବରଂ ଯଥାର୍ଥ ନେତା ସିଏ ଯିଏ ଲୋକଙ୍କ ପାଖରେ ସବୁସମୟରେ ଥାଏ। ପ୍ରମୁଖ କଥା ହେଉଛି ନିଜ ଦଳ ଭିତରେ ଗୋଷ୍ଠୀକନ୍ଦଳ ଆଣିବା ଜମାରୁ ଠିକ କଥା ନୁହେଁ । ଏହା ଯୋଗୁଁ ଗୋଟିଏ ଦଳକୁ ବହୁତ କିଛି କ୍ଷତି ସହିବାକୁ ପଡ଼େ । ଏକମନ ଏକମତ ନେଇ ସଭିଏଁ କାର୍ଯ୍ୟ କରିବା ଆବଶ୍ୟକ । ଯିଏ ବି ଗାଁର ନେତା ହେଉ କିନ୍ତୁ ଆମେ ଓଡ଼ିଶାବାସୀଙ୍କ ପାଇଁ କାର୍ଯ୍ୟ କରିବା , ଏହା ଦଳଗତ ନିର୍ବିଶେଷରେ ସଭିଏଁ ଚିନ୍ତା କରିବା ଆବଶ୍ୟକ।

ଏ ନିର୍ବାଚନ ସଫଳ ହେଉ ..ପ୍ରଜାତନ୍ତ୍ରର ଜୟ ହେଉ ...

*ବାସୁଦେବପୁର , ଭଦ୍ରକ*

*ମୋ - ୯୪୩୮୪୬୭୦୭୯*

# ମା' ଝାଡେଶ୍ୱରୀ କ୍ରିକେଟ୍, ଭୋଲବେଡା ଚମ୍ପିୟାନ

ଢେଙ୍କିକୋଟ,(ପି.ଏନ):ଘଟଗାଁ ବ୍ଲକ ଅନ୍ତର୍ଗତ ଚିକିଣିଆ ଠାରେ ଥିବା ମା'ଝାଡେଶ୍ୱରୀ ୟୁଥ୍ କ୍ଲବ ତରଫରୁ ମେଗା କ୍ରିକେଟର ଆଜି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି ଫାଇନାଲ ମ୍ୟାଚ୍ ଭୋଲବେଡା ଓ ଚିକିଣିଆ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଚିକିଣିଆ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୬୩ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଭୋଲବେଡା ଦଳ ୧୦ ଓଭରରେ ୬୪ରନ୍ କରି ବିଜୟୀ ହୋଥିଲା । ବିଜୟୀ ଦଳକୁ ୧୦ ହଜାର ଓ ରନର୍ସଅପ୍ ଦଳକୁ ୭ ହଜାର ଟଙ୍କା ପୁରସ୍କୃତ କରାଯାଇଥିବା ବେଳେ ମ୍ୟାଚ୍ ଅଫ୍ ଦି ମ୍ୟାଚ୍ ଏବଂ ମ୍ୟାନ୍ ଅଫ୍ ଦି ସିରିଜ୍‌କୁ ମଧ୍ୟ ପୁସ୍କୃତ କରାଯାଇଥିଲା । ଏହି ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ଯୁବ ଉପସଭାପତି ସେକ୍ ଇମ୍ରାନ୍, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ବିଜୁ ଜନତା ଦଳର ଛାତ୍ର ସମ୍ପାଦକ ଆଶିଷ ମଣ୍ଡଳ, ସଂଗଠକ ରିତେସ୍ ବେହେରା, ଯୁଗ୍ମ ସମ୍ପାଦକ ତରଣିସେନ୍ ବେହେରା, ଯାଜ୍ଞସେନୀ ମହାନ୍ତ,ଗୋଲାପ ନାଏକ, ବାପୁଜୀ ନାଏକ ପ୍ରମୁଖ ଯୋଗଦାନ କରିଥିଲେ । ମୁଖ୍ୟବକ୍ତା ସଂଜୟ ସାହୁ ଖେଳାଳୀ ମାନଙ୍କୁ ସୁସମ୍ପର୍କ,ଭାଇଚାରା ଓ ସହଯୋଗୀ ଭାବନାରେ ରହିବାକୁ ପରାମର୍ଶ ଦେଇଥିଲେ । ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ ନିର୍ମଳ ନାଏକ, ସ୍କୋରର ଭାବେ ଯଯାତି ନାଏକ, ଅଭୟ ବେହେରା ରହିଥିବା ବେଳେ ଅମ୍ପେୟାର ଭାବେ ପ୍ରତାପ ନାଏକ ଓ ବିଳାସ ନାଏକ ଥିଲେ । ଝାଡେଶ୍ୱରୀ ୟୁଥ୍ କ୍ଲବର ସମସ୍ତ ସଦସ୍ୟଙ୍କ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା ।

# ଚନ୍ଦ୍ରଶେଖର ଦେବଙ୍କ ବିଗ୍ରହ ସ୍ଥାପନ ଓ ପୂର୍ଣ୍ଣାହୁତି ଉତ୍ସବ



ଖଣ୍ଡପଡା,(ପି.ଏନ): ଖଣ୍ଡପଡା ବ୍ଲକ ଅଧିନ ବେଣାଗାଡିଆ ପଂଚାୟତ ତେନ୍ତୁଳିଆପଲ୍ଲୀ ଗ୍ରାମରେ ପ୍ରଭୁ ଶ୍ରୀ ଚନ୍ଦ୍ର ଶେଖର ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସହ ବିଗ୍ରହ ସ୍ଥାପନ ଉତ୍ସବ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ସନ୍ଧ୍ୟାରେ ମନ୍ଦିର ପରିସରରେ ଆୟୋଜିତ ପୂର୍ଣ୍ଣାହୁତି ଉତ୍ସବରେ ଆଖପାଖ ଅଂଚଳରୁ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମୁଖ୍ୟ ପୁରୋଧା ଭାବେ ବାଲିଗୁଡା ନିବାସୀ ପଣ୍ଡିତ ବିଜୟ କୁମାର ଦାଶ ସମସ୍ତ ଦାୟିତ୍ୱ ତୁଲାଇଥିଲେ । ସମସ୍ତ ନୀତିକାନ୍ତି ସମାପନ ପରେ ନୂତନ ମନ୍ଦିରରେ ବିଗ୍ରହମାନଙ୍କୁ ସ୍ଥାପନ କରାଯାଇଥିଲା । ସେହିପରି ମନ୍ଦିରରେ ଧ୍ୱଜା, ପାର୍ଶ୍ୱ ଦେବାଦେବୀଙ୍କ ସମେତ ଲିଙ୍ଗ ଓ ତ୍ରିଶୁଳ ସ୍ଥାପନ କରାଯାଇଥିଲା । ତେନ୍ତୁଳିଆପଲ୍ଲୀ ଗ୍ରାମବାସୀଙ୍କ ସାହାଯ୍ୟ ଓ ସହଯୋଗରେ ମନ୍ଦିର ପ୍ରତିଷ୍ଠା ଠାରୁ ଆରମ୍ଭ କରି ସମସ୍ତ ମାଙ୍ଗଳିକ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବା ଜଣାଯାଇଛି ।

# ବରାଙ୍ଗ ସଂରକ୍ଷିତ ଜଙ୍ଗଲରେ ମାତିଛନ୍ତି କାଠ ମାଫିଆ

ଆନନ୍ଦପୁର,(ପି.ଏନ):ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ସନ୍ତୁଳନ ମୁଖ୍ୟତଃ ଜଙ୍ଗଲ ସମ୍ପଦର ସୁରକ୍ଷାରେ ହିଁ ସମ୍ଭବ । ଏ କ୍ଷେତ୍ରରେ କେନ୍ଦ୍ର ଏବଂ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ କେତେକ ସ୍ଥାନରେ ବନବିଭାଗ କର୍ମଚାରୀଙ୍କ ଦୂରଦୃଷ୍ଟି ଅଭାବରୁ ଶହ ଶହ ବର୍ଷର ମୂଲ୍ୟବାନ ଗଛ ଉଜାଡ଼ ହୋଇଯାଉଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ଅଂଚଳରେ । ଟିପା ହରିଣଙ୍କ ପାଇଁ ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା ବରାଙ୍ଗ ଜଙ୍ଗଲର ବେଶ୍ ନାଁ ରହିଛି । ଜଙ୍ଗଲ ଅନୁପାତରେ ଏଠାରେ ବହୁଳ ଭାବରେ ଟିପା ହରିଣ ରହୁଥିବାରୁ ଜଙ୍ଗଲ ଅଂଚଳକୁ ଅଧିକ ସବୁଜିମା କରିବା ସହ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ବନ ବିଭାଗ ତରଫରୁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ଏହାର ରକ୍ଷଣା ବେକ୍ଷଣରେ ଅନେକ କର୍ମଚାରୀ ସହ ଅସ୍ଥାୟୀ ସୁରକ୍ଷା କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି । ସେପଟେ ବନ କର୍ମଚାରୀଙ୍କ ଆଗୋଚରରେ ଗତକାଲି ବିଳମ୍ବିତ ରାତିରେ କୀର୍ତ୍ତନପାଟିଆ ଆଦିବାସୀ ବସ୍ତିର ଜଙ୍ଗଲ ମୁଣ୍ଡାଘର ଅଗଣାରେ ଥିବା ଏକ ମୂଲ୍ୟବାନ ପିଆଶାଳ ଗଛକୁ କେହି ଦୁର୍ବୃତ୍ତ କରତ ଏବଂ ଟାଙ୍ଗିଆରେ ହାଣି ନେବାକୁ ମସୁଧା କରୁଥିବା ବେଳେ ଶବ୍ଦ ଶୁଣି ପଡିଶା ଲୋକ ଉଠି ଯିବାରୁ ଘଟଣା ସ୍ଥଳରୁ ଅଧାକଟା ଗଛକୁ ଛାଡି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ । ଖବର ପାଇ ବନସୁରକ୍ଷା କର୍ମୀ ଘଟଣା ସ୍ଥଳରେ ପହଂଚି ଅଧାକଟା ଗଛକୁ ଫେରି ଯାଇଛନ୍ତି ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Saturday February 12 | ଭୁବନେଶ୍ୱର ଶନିବାର, ଫେବୃଆରୀ ୧୨,୨୦୨୨ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com




## ଜାତୀୟ କଂଗ୍ରେସ ପକ୍ଷରୁ ଦର୍ପଣ ପଂଚାୟତରେ ବାଇକ୍ ରାଲି



ଚଣ୍ଡିଖୋଲ,(ପିଏନ୍) : ବଡ଼ଚଣା ବ୍ଲକ ଅନ୍ତର୍ଗତ ଦର୍ପଣ ପଂଚାୟତରେ ବଡ଼ଚଣା ବ୍ଲକ କଂଗ୍ରେସ ପକ୍ଷରୁ ଏକ ବିରାଟ ବାଇକ ରାଲି ହୋଇଯାଇଛି। ବାଇକ ରାଲିରେ ବଡ଼ଚଣାର କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ ଓବିସି ସେଲ୍‌ର ଉପାଧ୍ୟକ୍ଷ କ୍ୟାପଟେନ୍ ରାଜନାରାୟଣ ମହାପାତ୍ର,ରଜ୍ୟ ଛାତ୍ର କଂଗ୍ରେସ ସଭାପତି ଓ୍ୱାସିର ନଓ୍ୱାଜ, ଯାଜପୁର ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସଂଗ୍ରାମ ଜେନା ପ୍ରମୁଖ ଯୋଗ ଦେଇଥିଲେ। କଂଗ୍ରେସ ନେତାମାନଙ୍କୁ ଦୋଳମୁଣ୍ଡାଇ ଛକଠାରେ ୧୬ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ କଂଗ୍ରେସ ପ୍ରାର୍ଥୀ ପ୍ରଦୀପ୍ତ ମହାନ୍ତି, ସରପଂଚ ପ୍ରାର୍ଥୀ ସେକ୍ ଅରମାନ୍, କଂଗ୍ରେସ ସମର୍ଥୀତ ସମିତି ସଭ୍ୟ ପ୍ରାର୍ଥୀ ସଞ୍ଜିବ ସାମଲ, କବି ସେକ୍ କରାମତ୍ ତୁଲ୍ଲା, ବଡ଼ଚଣା ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ବିଭୂତି ଭୂଷଣ ନାୟକ, ମାନସ ରଞ୍ଜନ ପଣ୍ଡା ସମେତ ଶତାଧିକ କଂଗ୍ରେସ କର୍ମୀ ନେତାମାନଙ୍କୁ ପୁଷ୍ପ ମାଲ୍ୟ ଅର୍ପଣ କରି ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସେଠାରୁ ବାଇକ ଯୋଗେ ଦର୍ପଣ,ଗୁଲଜାରନଗର ପାଟଣା, କୋଲସାହି ପ୍ରଭୃତି ଗ୍ରାମକୁ ଯାଇ ଜିଲ୍ଲାପରିଷଦ ପ୍ରାର୍ଥୀ ପ୍ରଦୀପ୍ତ ମହାନ୍ତିଙ୍କୁ ହତ ଚିହ୍ନରେ ଓ ସରପଂଚ ଓ ସମିତି ସଭ୍ୟଙ୍କୁ ଭୋଟ ଦେଇ ନିର୍ବାଚିତ କରିବାକୁ ଅନୁରୋଧ କରିଥିଲେ। ୨୧ବର୍ଷ ଶାସନ କାଳରେ ନବୀନ ବାବୁ ଯେଉଁ ଭଳି ଜନହିତକର କାର୍ଯ୍ୟ କରିଛନ୍ତି ବୋଲି ହାଓ୍ୱା ମାରି ଚାଲିଛନ୍ତି। ୫ଲକ୍ଷରୁ ଉର୍ଦ୍ଧ୍ୱ ବେକାରୀ ଯୁବକ ଓ ଯୁବତୀଙ୍କୁ କର୍ମ ନିଯୁକ୍ତି ଦେଇପାରି ନାହାଁନ୍ତି। କୋଣାର୍କ ଝୋଟକଳ କୁ ନ ଚଲାଇ ବିକ୍ରି କରି ଦେଇ କର୍ମଚାରୀ ଓ ବ୍ୟବସାୟୀମାନଙ୍କୁ ବହୁ ଅସୁବିଧାରେ ପକାଉ ଛନ୍ତି। ଏ ନେଇ ସାଧାରଣ ଭୋଟର ଚାହୁଁଛନ୍ତି ପରିବର୍ତ୍ତନ। ତେଣୁ ଭୋଟର ଭାଇମାନେ ବର୍ତ୍ତମାନ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରାନ୍ତୁ। ବଡ଼ଚଣାର ବିଧାୟକ ଯେଉଁ କାର୍ଯ୍ୟକରି ବିକାଶ କଥା କହୁଛନ୍ତି ତାହା ବିକାଶ ନୁହେଁ ତାହା ବିନାଶମୁଖୀ। ବଡ଼ଚଣାର ପାର୍ବତ୍ୟାଂଚଳରେ କ୍ଷୁଦ୍ର ଜଳସେଚନ ଯୋଜନା ଦ୍ୱାରା ଚାଷୀମାନେ ଜଳ ପାଇବା କଥା ଅଧିକନ୍ତୁ କେଉଁ ପ୍ରୋଜେକ୍ଟ ଚାଲିଛିତ କେଉଁ ପ୍ରେଜେକ୍ଟ ଜଳ ଯୋଗାଇଦେବାର ଅସୁବିଧା ସୃଷ୍ଟି ହେଉଛି। ରାସ୍ତା ଗୃହ ନିର୍ମାଣ ବିଭାଗ ଦ୍ୱାରା, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଯେଉଁ ପ୍ରଧାନମନ୍ତ୍ରୀ ଶଡ଼କ ଯୋଜନା ଓ ବିଭିନ୍ନ ଯୋଜନାରେ ରାସ୍ତା କରାଯାଇଛି ତାହା ଅତ୍ୟନ୍ତ ନିମ୍ନ ମାନର। ଯାତାୟାତରେ ମଧ୍ୟ ବାଧାପ୍ରାପ୍ତ ସୃଷ୍ଟି ହେଉଛି। ମିଶନ ଶକ୍ତି ନାମରେ ଅର୍ଥକୁ ବାଟମାରଣା କରି ଶୋଷଣ କରୁଛନ୍ତି। କେଉଁ ଜାଗାରେ ପୋଖରୀ ନକରି ଲକ୍ଷ ଲକ୍ଷ ଅର୍ଥ ରାଶି ହରିଲୁଟ କରି ଚାଲିଛନ୍ତି। ଏହାର ଜବାବ ଆପଣମାନେ ହିଁ ଦେଇପାରିବେ ବୋଲି ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଓ୍ୱାସିର ନଓ୍ୱାଜ ସାଧାରଣ ଭୋଟରମାନଙ୍କ ଆଗରେ ପ୍ରକାଶ କରିଥିଲେ। ରାଜ୍ୟରେ କଂଗ୍ରେସ ସରକାର ସମୟରେ ବଡ଼ଚଣାରେ ସାଧାରଣ ଲୋକଙ୍କର ସ୍ୱାସ୍ଥ୍ୟ ରକ୍ଷାପାଇଁ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର ବଡ଼ଚଣାରେ ବହୁ ସଂଖ୍ୟାରେ ଡ଼ାକ୍ତରଖାନା ଖୋଲିଥିଲେ। ସେହି ଡ଼ାକ୍ତରଖାନାକୁ ନବୀନ ସରକାର ରୋଗୀସେବା ପାଇଁ ଡ଼ାକ୍ତର ମଧ୍ୟ ଦେଇପାରୁ ନାହାଁନ୍ତି। ଏଣୁ ବଡ଼ଚଣାର ୧୬ନମ୍ବର ଜୋନ୍ ଜିଲ୍ଲା ପରିଷଦ ପ୍ରାର୍ଥୀ ପ୍ରଦୀପ୍ତ ମହାନ୍ତିଙ୍କୁ ହାତ ଚିହ୍ନରେ ଓ କଂଗ୍ରେସ ସମର୍ଥୀତ ସରପଂଚ ସମିତି ସଭ୍ୟ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବା ପାଇଁ କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ର ଭୋଟରମାନଙ୍କୁ ନିବେଦନ କରିଥିଲେ।

## ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ ଚଢାଉ ,ବିପୁଳ ପରିମାଣର ପୋଚ ଓ ମଦ ଜବତ



ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ଏକଡାଳିଆ,କୁଳାସର ଓ କାନପୁର ଜଙ୍ଗଲ ମଧ୍ୟରେ ଦେଶୀ ମଦ ପ୍ରସ୍ତୁତି କରୁଥିବାର ଖବର ପାଇ ଅତର୍କିତ ଭାବରେ ଚଢାଉ କରି ୬ ହଜାର ୮ ଶହ ଲିଟର ପୋଚ ଓ ୫ ଶହ ୭୦ ଲିଟର ଦେଶୀ ମଦ ଜବତ କରିବା ସହ ବ୍ୟବହୃତ ସରଞ୍ଜାମକୁ ନଷ୍ଟ କରାଯାଇଛି । ଏଥିରେ ବେଗୁନିଆ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ସନାତନ ଆଚାର୍ଯ୍ୟ,ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଇନିସପେକ୍ଟର ଭୈରବ ସାହୁ,ମୋବାଇଲ ଇନିସପେକ୍ଟର ସସ୍ମିତା ହୋତା,ଟାଙ୍ଗି ର ଆଲୋକ କୁମାର ପ୍ରଧାନ,ଓଆଇସି ଖୋର୍ଦ୍ଧା ବି ମନୋଜ କୁମାର,ବେଗୁନିଆ ଓଆଇସି ବିରଂଚି ନାରାୟଣ ମହାନ୍ତି,ଏକ ପ୍ଲାଟୁନ ପୋଲିସ ବଳ ସମେତ ଅବକାରୀ ବିଭାଗର କର୍ମଚାରୀମାନେ ଚଢାଉ ସମୟରେ ସାମିଲ ହୋଇଥିଲେ ।

## ୨୩ ନମ୍ବର ଜୋନରେ ବିଜେଡି ଓ ବିଜେପି ମଧ୍ୟରେ ଜୋରଦାର ଲଢେଇ

ଖୋର୍ଦ୍ଧା,(ପିଏନ): ଚଳିତ ତ୍ରି ସ୍ତରୀୟ ପଂଚାୟତ ନିର୍ବାଚନରେ ୨୩ ନମ୍ବର ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ବିଜେଡିରୁ ଅନାଦି ସାହୁ,ବିଜେପିରୁ ଜିତେନ୍ଦ୍ର କୁମାର ସାହୁ ଓ କଂଗ୍ରେସରୁ ଅମଜାଦ ଖାନ,ସ୍ୱାଧିନ ପ୍ରାର୍ଥୀ ପ୍ରଦୀପ୍ତ କୁମାର ମଙ୍ଗରାଜ,ସର୍ବେଶ୍ୱର ଜେନା, ଏସୟୁସିଆଇ ଅବିନାଶ ପ୍ରଧାନ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି । ଉଲ୍ଲେଖ ଯୋଗ୍ୟ ଯେ ବିଜେପି ଓ କଂଗ୍ରେସରୁ ନୂତନ ଭାବରେ ଯୁବ ପିଢି ମଧ୍ୟରୁ ରାଜନୈତିକ ମଇଦାନରେ ଓହ୍ଲାଇ ଭୋଟର ମାନଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି । ତେବେ ବିଜେଡି ସମର୍ଥିତ ଜିଲ୍ଲା ପରିଷଦ ପ୍ରାର୍ଥୀ ଶ୍ରୀ ସାହୁ ପୂର୍ବରୁ ବେଗୁନିଆ ବ୍ଲକ ଦୁର୍ଗାପୁର ପଂଚାୟତର ସରପଂଚ ଭାବେ ନିର୍ବାଚିତ ହୋଇ ଲୋକମାନଙ୍କର ସେବା କରିବାକୁ ସୁଯୋଗ ପାଇଛନ୍ତି । ଏପରିକି ମଧ୍ୟ ବିଜେଡି ଦଳର ବ୍ଲକ ସଭାପତି ରୂପେ ରହି କାର୍ଯ୍ୟ କରି ଆସୁଛନ୍ତି ।ଏହି ତ୍ରି ସ୍ତରୀୟ ପଂଚାୟତ ନିର୍ବାଚନରେ ଜିଲ୍ଲା ପରିଷଦ ପ୍ରାର୍ଥୀ ବିଜେଡି ଓ ବିଜେପି ମଧ୍ୟରେ ଜୋରଦାର ଲଢେଇ ହୋଇ ବିଜେଡି ବିଜୟ ଲାଭ କରିବ ବୋଲି ରାଜନୈତିକ ବ୍ୟକ୍ତିଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି ।

## ପ୍ରଧାନମନ୍ତ୍ରୀ ମୋଦିଙ୍କ ମିଛ ନାଟକର ଜବାବ ରଖିଲା କଂଗ୍ରେସ



ଭୁବନେଶ୍ୱର,(ପି.ଏନ): ଗତ କିଛିଦିନ ଧରି ଭାରତ ବର୍ଷର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ମନ୍ତ୍ରୀମଣ୍ଡଳର ଅର୍ଥମନ୍ତ୍ରୀ ଗଣତନ୍ତ୍ରର ମନ୍ଦିର ଭିତରେ ପୁଳା ପୁଳା ମିଛ କହିବା ସହିତ ଭାରତ ବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଜବାହରଲାଲ ନେହେରୁ ବହୁ ସମୟରେ ସରକାରରେ ରହିଥିବା କଂଗ୍ରେସ ବିରୋଧରେ କୁତ୍ସିତ ଅତି ଘୃଣ୍ୟ ଓ ନିମ୍ନମାନର କଥା କହିଚାଲିଛନ୍ତି। ମୋଦି ଏବଂ ଶ୍ରୀମତୀ ନିର୍ମଳା ଶୀତାରମଣ କହିଛନ୍ତି କଂଗ୍ରେସର ସମୟ ଥିଲା ଅନ୍ଧାକାରର ଯୁଗ ଏବଂ ୨୦୧୪ ମସିହା ପାଖର ଭାରତବର୍ଷର ଅମୃତକାଳ ଆରମ୍ଭ ହୋଇଛି। ଆଜି ପ୍ରଦେଶ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ ମହାନ୍ତି ଏହି ମିଛ ନାଟକର ଜବାବ ରଖିବା ସହିତ ସମସ୍ତ ତଥ୍ୟ ଗଣମାଧ୍ୟମ ସାମନାରେ ଉପସ୍ଥାପନ କରିଥିଲେ। ୧୯୪୭ ମସିହାରେ ଶିକ୍ଷାକ୍ଷେତ୍ରରେ ଭାରତବର୍ଷ ବହୁ ପଛରେ ଥିଲା। ସେ ସମୟରେ ମାତ୍ର ୨୦ଟି ବିଶ୍ୱବିଦ୍ୟାଳୟ ଥିଲା ଏବଂ ୪୯୬ ଟି କଲେଜ ଥିଲା ଏବଂ ପାଖାପାଖି ସାରା ଭାରତବର୍ଷରେ ୨ଲକ୍ଷ ୪୧ ହଜାର ୩୬୯ ଜଣ ଛାତ୍ରଛାତ୍ରୀ ଏ କଲେଜ ଓ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। କିନ୍ତୁ ୨୦୧୪ ମସିହା ବେଳକୁ ଭାରତ ବର୍ଷ ୬୬୭ଟି ୟୁନଭରସିଟି ହୋଇସାରିଛି ତନ୍ମଧ୍ୟରୁ ୪୫ଟି ସେଂଟ୍ରାଲ ୟୁନଭରସିଟି ଏବଂ ୩୧୮ ଟି ରାଜ୍ୟ ବିଶ୍ୱବିଦ୍ୟାଳୟ ହୋଇଛି। ୩୭ ହଜାର ୮ଶହରୁ ଅଧିକ କଲେଜ ହୋଇପାରିଛି। ୧୯୫୦ ମସିହାରେ କଂଗ୍ରେସ ସରକାର ପ୍ରଧାନମନ୍ତ୍ରୀ ନେହେରୁଙ୍କ ଦିଗଦର୍ଶନରେ ପ୍ରଥମ ଆଇଆଇଟି ଖଡ଼ଗପୁରେ ସ୍ଥାପନ ହୋଇଥିଲା। ୧୯୫୮ ମସିହାରେ ମୁମ୍ବାଇରେ ୧୯୬୧ରେ ଦିଲ୍ଲୀରେ ଆଇଆଇଟି ହୋଇସାରିଥିଲା। ୧୯୫୬ ମସିହା ବେଳକୁ ଏମ୍ସ ହୋଇସାରିଥିଲା। ଭାରତବର୍ଷରେ ୧୩ଟି ଏମ୍ସ କଂଗ୍ରେସ ସରକାର ସମୟରେ ହୋଇଛି। ୧୯୫୬ ମସିହାବେଳକୁ ୟୁଜିସି ଗଠନ କରାସରିଛି ୧୯୬୨ ବେଳକୁ ସିବିଏସି ଗଠନକରା ସରିଛି।

୧୯୫୦ ମସିହାରେ ୭୨୫ ପ୍ରାଇମେରୀ ହେଲ୍‌ଥ ସେଂଟର ଥିଲା। ୧୯୬୯ ମସିହା ବେଳକୁ ଇସ୍ରୋର ସ୍ଥାପନ କରାଯାଇଥିଲା ଯଦ୍ୱରାକି ମହାକଶାର ଗବେଷଣା କ୍ଷେତ୍ରରେ ଭାରତ ବିଶ୍ୱରେ ନିଜର କୃତିତ୍ୱ ପ୍ରତିପାଦିତ କରିପାରିଥିଲା। ୧୯୫୮ ରେ ଡିଆରଡିଓ ସ୍ଥାପନ କରାଯାଇଥିଲା ଏହାଦ୍ୱାର ଭାରତବର୍ଷ ବିଭିନ୍ନ ପ୍ରକାର କ୍ଷପଣାସ୍ତ୍ର ପ୍ରସ୍ତୁତ କରିବାରେ ସମର୍ଥ ହୋଇପାରିଥିଲା। ୧୯୬୩ ମସିହା ବେଳକୁ ଥୁମ୍ବା ଥିରୁଅନନ୍ତପୁରମ କେରଳରେ ରକେଟ ଉତ୍‌କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା କରାଯାଇପାରିଥିଲା। ସେହିଭଳି ଭାବରେ ଆଇସିଏମଆର ଜାତୀୟ ଭେଷଜ ରିର୍ସଚ ସେଂଟର, ଭାରତୀୟ କୃଷି ଗବେଷଣା କେନ୍ଦ୍ର ଏ ସମସ୍ତ ୬୦ ଦଶକରେ କରାଯାଇଥିଲା। ମହାମାରୀକୁ ପ୍ରତିହତ କରିବାପାଇଁ ଟୀକା ପ୍ରସ୍ତୁତ ପ୍ରୟୋଗଶାଳା ପ୍ରସ୍ତୁତ କରାଯାଇଥିଲା। ୧୯୫୫ ମସିହାରେ ଦେଶର ପ୍ରଥମ ଷ୍ଟିଲ ପ୍ଲାଂଟ କରାଯାଇଥିଲା ଭିଲାଇରେ। ୧୯୫୯ ରେ ରାଉରକେଲା, ୧୯୬୪ରେ ବୋକାର ଷ୍ଟିଲପ୍ଲାଂଟ, ୧୯୭୫ରେ ଏନଟିପିସି, ୧୯୬୫ରେ ବାଲକୋ ବଡବଡ଼ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା। ଆଜି ଛୁଂଚି କାରଖାନା ଠାରୁ ଆରମ୍ଭ କରି ମିକ୍‌ବିମାନ ମଧ୍ୟ ଭାରତ ବର୍ଷରେ ପ୍ରସ୍ତୁତ ହେଉଛି। ଏହାକଣ ସ୍ୱଦେଶୀ ନୁହେଁକି। ୧୯୪୭ ମସିହା ବେଳକୁ ଭାରତବର୍ଷର ମାତ୍ର ୫୦ ମିଲିୟନ ଟନ ଖାଦ୍ୟ ପ୍ରସ୍ତୁତ ହେଉଥିଲା। ସେତେବେଳ ୩୪କୋଟି ଜନସଂଖ୍ୟାକୁ ଖାଦ୍ୟ ଶଷ୍ୟ ଯୋଗାଇ ହୋଇପାରୁନଥିଲା। ତେଣୁ ଭାରତବର୍ଷ ଅମେରିକାର ପିଏଲ୪୮ ଗହମ ମଗାଇ ଲୋକମାନଙ୍କୁ ଯୋଗାଇ ଦେଉଥିଲା। ଏକଥା ଭାରତ ବର୍ଷର ପ୍ରଧାନମନ୍ତ୍ରୀଙ୍କ ମନେ ଅଛିକି । କିନ୍ତୁ କୃଷି କ୍ଷେତ୍ରରେ ସବୁଜ ବିପ୍ଳବ ମାଧମରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ୨୦୧୪ ମସିହା ଶେଷ ସୁଦ୍ଧା ଭାରତବର୍ଷରେ ୩୧୨ ମିଲିୟନ ଟନ ଖାଦ୍ୟଶସ୍ୟ ଉତ୍ପାଦନ ହେଉଛି ୧୦୯ ମିଲିୟନ ଟନକୁ ପଂହଚିଛି। ୧୯୫୩ ମସିହାରେ ଭାରତ ସରକାରଙ୍କ ପାଖରେ ୮ ମିଲିୟନ ଟନ ଖାଦ୍ୟଶସ୍ୟ କିଣିବାପାଇଁ ବୈଦେଶିକ ମୁଦ୍ରା ଥିଲା ଆଜି ୨୦୧୪ ଭିତରେ ଭାରତ ସରକାରଙ୍କର ବୈଦେଷିକ ମୁଦ୍ରାପାଣ୍ଠି ଆମେରୀକୟ ଡଲାର ହିସାବରେ ୪୬୧.୯ ବିଲିୟନ ପଂହଚିଛି ଏହା କଣ ମୋଦି ସରକାରଙ୍କ ସମୟରେ ହୋଇଛିକି। ୧୯୭୪ ମସିହା ବେଳକୁ ଭାରତବର୍ଷ ଏକ ଆଣବିକ ଶକ୍ତି ସଂପର୍ଣ୍ଣ ରାଷ୍ଟ୍ର ହୋଇସାରିଛି। ଆମେ ବିଶ୍ୱର ୫ଟି ରାଷ୍ଟ୍ର ମଧ୍ୟରେ ଆଣବିକ କ୍ଷେତ୍ରରୁ ଶକ୍ତି ଉତ୍ପାଦନ କରିଥିଲୁ। ୧୯୪୭ ମସିହାରେ କୋଇଲାରୁ ୭୫୬ ମେଗାଓ୍ୱାଟ ଶକ୍ତି ଉତ୍ପାଦନ ହେଉଥିଲା ଏବଂ ଜଳ ୫୦୮ ମେଗାଓ୍ୱାଟ ଜଳ ଉତ୍ପାଦନ ହେଉଥିଲା କିନ୍ତୁ ୨୦୧୪ ମସିହା ବେଳକୁ ୨ଲକ୍ଷ ୨୧ ହଜାର ୮୦୨.୫୯ ମେଗାଓ୍ୱାଟର ଶକ୍ତି କୋଇଲା କ୍ଷେତ୍ରରୁ ଉତ୍ପାଦନ ହେଉଛି ଏବଂ ସେହିଭଳି ଭାବରେ ୧ଲକ୍ଷ ୯୧ ହଜାର ୩୯୧ ମେଗାଓ୍ୱାଟର ଜଳ ବିଦ୍ୟୁତ ଉତ୍ପାଦନ କରାଯାଉଛି। ଯେଉଁ ପରିବାଦ କଥା କୁହାଯାଉଛି ଗାନ୍ଧୀ ପରିବାର ଉଦ୍ଦେଶ୍ୟରେ ଦୟକରି ମୋଦି କହିବେକି ଅନୁରାଗ ଠାକୁର, ପଙ୍କଜା ମୁଣ୍ଡେ, ଜୟନ୍ତା ସିଂହ୍ନା, ରାଜବୀର ସିଂ, ଦୁଷ୍ୟନ୍ତ ସିଂ, ପଙ୍କଜ ସିଂ, ଅବିଷେକ ସିଂ, ପରଭେଶ ବର୍ମା, ଦେବେନ୍ଦ୍ର ଫଡନାଭିସ ଏ ସମସ୍ତେ ପରିବାରବାଦ ରାଜନୀତିରୁ ଆସିଛନ୍ତି କି ନାହିଁ ଏକଥାର ଉତର କିଏ ରଖିବ। ଆଶାକରାଯାଉଥିଲା ପ୍ରଧାନମନ୍ତ୍ରୀ ପାଲ୍ୟାମେଂଣରେ ଦେଶର ଅର୍ଥନୀତି, ଆଇନକାନୁନ ପରିସ୍ଥିତ, କୃଷକମାନଙ୍କ ସମସ୍ୟା, ବେରୋଜଗାର ସମସ୍ୟା ଏବଂ ବୈଦେଶିକ ନୀତିକୁ ନେଇ ଏକ ଅଭିଭାଷଣ ରଖିବେ ବୋଲି କିନ୍ତୁ ଦୀର୍ଘ ୮ବର୍ଷ ଧରି ପ୍ରଧାନମନ୍ତ୍ରୀ ମୋଦି କେବଳ ଭାରତବର୍ଷରୁ ପୂର୍ବସୁରି ମାନଙ୍କୁ ତିରସ୍କାର କରିବା, ଘୃଣା, ରାଜନୀତିକୁ ପ୍ରୋତ୍ସାହନ ଦେବା ଜାତି ଜାତି ଭିତରେ ବିଭେଦ ସୃଷ୍ଟି କରିବା ଧର୍ମଭିତିକ ରାଜନୀତି କରିବା ଛଡ଼ା ଅନ୍ୟ କିଛି କରିନାହାନ୍ତି। ତେଣୁ ୨୦୧୪ରୁ ଭାରତବର୍ଷର ଅନ୍ଧକାର ଯୁଗର ଆରମ୍ଭ ହୋଇଛି ବୋଲି କଂଗ୍ରେସ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖାପାତ୍ର ମନୋରନ ଦାଶ ଓ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray